# କୃଷି ଋଣ ପ୍ରଦାନରେ ହେରଫେରର ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ,୨୦।୬**

**ଜଗତ୍‌ସିଂହପୁର ଜିଲା**
- ଗୋଟିଏ ପରିବାରର ୫/୭ ଜଣ ବି ଋଣ ହାତେଇଛନ୍ତି
- ବର୍ଷା ଆସିଲା, ଧାନ ବିକି ପାରିଲେ ନାହିଁ ବଡ ଚାଷୀ
- ବେପାରୀଙ୍କୁ ପ୍ରୋତ୍ସାହନ ପାଇଁ ମସୁଧା

ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର ଗୁରୁତ୍ୱାରୋପ କରୁଥିବା ଡିଣ୍ଡିମ ପିଟୁଛନ୍ତି। କମ ସୁଧରେ କୃଷି ଋଣ ପ୍ରଦାନ କରୁଛନ୍ତି। ଏହାଦ୍ୱାରା ଚାଷୀ ଯେପରି ଅର୍ଥାଭାବ ଜନିତ ସମସ୍ୟାର ସମ୍ମୁଖୀନ ନ ହେବ ତା ଉପରେ ଗୁରୁତ୍ୱ ଦିଆଯାଉଛି। ବାସ୍ତବରେ କିନ୍ତୁ ଚାଷୀଙ୍କ ଅପେକ୍ଷା ଅଧିକାଂଶ ଅଣଚାଷୀ ଏହାର ଭରପୁର ଫାଇଦା ଉଠାଇ ଚାଲିଛନ୍ତି। ଏପରି କି ଜଣେ ଜଣେ ପରିବାରର ୫/୭ ଜଣଙ୍କୁ ଋଣ ଦିଆଯାଉଥିବା ଗୁରୁତର ଅଭିଯୋଗ ହେଉଛି। କେବଳ ଏତିକି ନୁହେଁ, ସୂଚନା ଅଧିକାର ଆଇନ ବଳରେ ଋଣ ନେଇଥିବା ଚାଷୀଙ୍କ ତାଲିକା ମଗାଗଲେ ମଧ୍ୟ ମିଳୁନାହିଁ। ଏହାକୁ ନେଇ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ପ୍ରାନ୍ତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଏହି ଜିଲାର ମୁଖ୍ୟ ଚାଷ କହିଲେ ଧାନକୁ ବୁଝାଯାଏ। ଯେହେତୁ ଜିଲାରେ ବିଭିନ୍ନ ସମୟରେ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ହୁଏ ତେଣୁ ଚାଷ କ୍ଷତିଗ୍ରସ୍ତ ହୁଏ। ଚାଷୀ ପରିଶ୍ରମ କରି ଅମଳ କଲାବେଳକୁ ପ୍ରାକୃତିକ ବିପର୍ଯ୍ୟୟ ସବୁ କିଛି ଛାରଖାର କରିଦିଏ। ଏହାଦ୍ୱାରା ଚାଷୀର ମେରୁଦଣ୍ଡ ଭାଙ୍ଗି ପଡେ। କିନ୍ତୁ ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ସରକାରୀ ସହାୟତା ମିଳିପାରେ ନାହିଁ। ଏହାର ମୁଖ୍ୟକାରଣ ହେଲା ହୀନ ରାଜନୀତି। ଚାଷୀ ଯେତେବେଳେ ଅଣ୍ଟା ସଳଖ କରି ପୁଣି ଛିଡା ହେବା ପାଇଁ ଚେଷ୍ଟା କରେ ସେତେବେଳେ ଅନେକ ବାଧାବିଘ୍ନ ଆସେ। ବଡ କଥା ହେଲା ସରକାର ଚାଷୀର ଅର୍ଥାଭାବଜନିତ ସମସ୍ୟା ଦୂର ପାଇଁ ୧% ସୁଧରେ କୃଷି ଋଣ ପ୍ରଦାନ କରୁଛନ୍ତି। ଏଥିରେ ମଧ୍ୟ ପାତରଅନ୍ତର କରାଯାଏ। ଦୁଃଖର କଥା ହେଲା ଅନେକ ଚାଷୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଋଣ ଦିଆଯାଏ ନାହିଁ। ଅଥଚ ଜଣେ ଚାଷୀଙ୍କ ପରିବାରର ୫/୭ ଜଣ ସଦସ୍ୟଙ୍କ ନାଁରେ ନିୟମ ଉଲ୍ଲଙ୍ଘନ କରାଯାଇ ଋଣ ପ୍ରଦାନ କରାଯାଏ। ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲା ପରି ଏହାର ଏକ ଜ୍ୱଳନ୍ତ ପ୍ରମାଣ ଦେଖିବାକୁ ମିଳିଛି ଜିଲାର ଅନନ୍ତପୁର ସେବା ସମବାୟ ସମିତିରେ। ଏହି ସମିତିର କେତେଜଣ ଚାଷୀଙ୍କୁ ଋଣ ପ୍ରଦାନ କରାଯାଇଛି ଓ କେତେ ଚାଷୀ ଠିକ ସମୟରେ ଏହା ପରିଶୋଧ କରୁଛନ୍ତି ସେ ସମ୍ପର୍କରେ ଜଗତ୍‌ସିଂହପୁର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ୍ ସୋସାଇଟ୍(ଏଆର୍‌ସିଏସ୍)ରେ ସୂଚନା ଅଧିକାର ଆଇନ ବଳରେ ସୂଚନା ମଗାଯାଇଥିଲା। ଏହା ଉପରେ ଯେଉଁ ତଥ୍ୟ ମିଳିଛି ତାହା ସମିତିର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିରେ ଦର୍ଶାଯାଇଛି, ୧୧୯୧ ଜଣ ଚାଷୀ ଋଣ ନେଇଛନ୍ତି। କିନ୍ତୁ ସମିତିରେ ମାତ୍ର ୩୯୯ ଜଣଙ୍କ ତାଲିକା ଅଛି। ହେଲେ ଅବଶିଷ୍ଟ ୭୯୨ଜଣଙ୍କ ନାଁ କୁଆଡେ ଗଲା ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ବାସ୍ତବରେ ଏହି ତାଲିକା ସମିତିରେ ନାହିଁ, ନା ଏହା ପଛର ରହସ୍ୟ ଆଉ କିଛି ତାକୁ ନେଇ ସନ୍ଦେହ ବଢିବାରେ ଲାଗିଛି।

ଏ ସମ୍ପର୍କରେ କେତେଜଣ ଚାଷୀ ପ୍ରତିକ୍ରିୟାରେ କହିଛନ୍ତି, ଯେଉଁ ଚାଷୀ ଋଣ ନେଇଛନ୍ତି ସେମାନଙ୍କ ନାଁ କଟିବା ଅସମ୍ଭବ। ଯେବେ ସମ୍ଭବ ତା ହେଲେ ସେମାନଙ୍କୁ ଦିଆଯାଇଥିବା ଋଣ ରାଶି କଣ ସରକାର ଛାଡ କରିଦେଲେ ବୋଲି ପ୍ରଶ୍ନ କରିଛନ୍ତି। ଏଥିରୁ ସ୍ପଷ୍ଟ, ନାଁ ଦିଆଯାଇ ନ ଥିବା ୭୯୨ ଜଣ ଚାଷୀଙ୍କ ଋଣ ରାଶି ଚଳୁ ହୋଇଛି ଅଥବା ଚଳୁ ପାଇଁ ଷଡଯନ୍ତ୍ର କରାଯାଇଛି। ଅର୍ଥାତ୍ ଅଯୋଗ୍ୟ ବ୍ୟକ୍ତିଙ୍କ ନାମରେ ଜାଲ କାଗଜପତ୍ର ମାଧ୍ୟମରେ ଋଣ ପ୍ରଦାନ କରାଯାଇଛି। ଏହି ଚାଷୀଙ୍କ ନାଁ ପ୍ରଘଟ ହେଲାପରେ ବାସ୍ତବ ଚିତ୍ର ପଦାକୁ ଆସିବ। କୁହାଯାଉଛି ଅଧିକାଂଶ ଚାଷୀଙ୍କ ବ୍ୟାଙ୍କ ପାସ ବୁକ୍ ସେମାନଙ୍କ ପାଖରେ ନ ଥାଏ। ସମିତି ସମ୍ପାଦକମାନେ ଏହାକୁ ରଖିଥାନ୍ତି। ସେମାନଙ୍କ ନାମରେ ମିଥ୍ୟା ଋଣ କରି ଏହି ରାଶି ନିଜେ ହାତେଇଥାନ୍ତି। ପରେ ଏହାକୁ ବ୍ୟବସାୟ ଆଦିରେ ଲଗାଇ ଲାଭବାନ ହୋଇଥାନ୍ତି। କିନ୍ତୁ ପ୍ରତିବର୍ଷ ଋଣ ରାଶି ସୁଝିବା ବ୍ୟବସ୍ଥା କରିଥାନ୍ତି। ଯଦ୍ୱାରା ଚାଷୀ ସେମାନଙ୍କ ନାମରେ ଋଣ ଥିବା ଜାଣିପାରେ ନାହିଁ। କେତେକ କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ହେବାର ମଧ୍ୟ ନଜିର ରହିଛି। ଏହାକୁ ନେଇ ଅତୀତରେ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ତୁମ୍ବି ତୋଫାନ ମଧ୍ୟ ହୋଇଛି। ଋଣ ନେଇଥିବା ଚାଷୀଙ୍କ ମଧ୍ୟରୁ କେତେକଙ୍କ ପରିବାରର ଏକାଧିକ ସଦସ୍ୟଙ୍କ ନାମରେ ଋଣ ପ୍ରଦାନ କରାଯାଇଛି। ଗୌରାଙ୍ଗ ବିଶ୍ୱାଳଙ୍କ ପରିବାରର ୬ ଜଣଙ୍କ ନାମରେ ଋଣ ମଞ୍ଜୁର ହୋଇଛି। ଏହି ପରିବାରର ସୁକାନ୍ତ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଅବିବାହିତ ଅଛନ୍ତି।

ସେହିପରି ପ୍ରତାପ ସ୍ୱାଇଁ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ଋଣ ଦିଆଯାଇଛି। ଶ୍ୟାମ ସୁନ୍ଦର ବିଶ୍ୱାଳଙ୍କ ପରିବାରର ୭ ଜଣ ସଦସ୍ୟଙ୍କ ନାମରେ ଚଞ୍ଚକତାପୂର୍ବକ ଋଣ ପ୍ରଦାନ କରାଯାଇ ପାରିଛି। ଏହିଭଳି ଅନେକ ପରିବାର ଅଛନ୍ତି ଯେଉଁମାନଙ୍କୁ ଅନ୍ୟାୟ ଭାବେ କୃଷି ଋଣ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ ୨୦୧୮-୧୯ ଖରିଫ ଋତୁରେ ଏହି ସମିତିରେ ୩୪୩ ଜଣ ଚାଷୀଙ୍କୁ ପଞ୍ଜିକୃତ କରାଯାଇଛି। କିନ୍ତୁ ଏହା ଭିତରେ ଧାନ ବିକି ପାରିଛନ୍ତି ୨୫୬ ଜଣ। ଅବଶିଷ୍ଟ କାହିଁକି ଧାନ ବିକ୍ରିରୁ ବଞ୍ଚିତ ହେଲେ ତାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି। ଏପରି କି ଜିଲା ଯୋଗାଣ ଅଧିକାରୀ ଓ ଏଆର୍‌ସିଏସ୍‌ଙ୍କ କାର୍ଯ୍ୟାଳୟରେ ପ୍ରଫୁଲ୍ଲ ସ୍ୱାଇଁ, ଦୁର୍ଗାଦଳ ଗିରି, ଅମରେନ୍ଦ୍ର ଖଣ୍ଡା, ସୁରେନ୍ଦ୍ର ପ୍ରଧାନଙ୍କ ଭଳି ଏକାଧିକ ବଡ ଚାଷୀ ପହଞ୍ଚି ସେମାନଙ୍କ ଧାନ ବିକ୍ରି ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ଏଥିମଧ୍ୟରେ ବର୍ଷା ଦିନ ଆସିଗଲାଣି। କିନ୍ତୁ ଧାନ ବିକି ନ ପାରି ଚିନ୍ତାରେ ଅଛନ୍ତି। ତେଣୁ ବାଧ ହୋଇ ବେପାରୀଙ୍କୁ କମ ଦାମରେ ବିକ୍ରି କରିବେ ବୋଲି କହିଛନ୍ତି। କେବଳ ଏହି ଚାଷୀମାନେ ନୁହନ୍ତି ଅନେକ ଚାଷୀ ମଧ୍ୟ ଅନୁରୂପ ସମସ୍ୟାର ସମ୍ମୁଖୀନ ହୋଇ କମ ଦରରେ ବେପାରୀଙ୍କୁ ବିକ୍ରି କରି ସାରିଲେଣି। ଏହିସବୁ ବାବଦରେ ଜିଲାରେ କୃଷି ଋଣ ପ୍ରଦାନରେ ଶତାଧିକ କୋଟି ଟଙ୍କା କେଲେଙ୍କାରୀ ଉପରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଅନନ୍ତପୁର ସେବା ସମବାୟ ସମିତି ସମ୍ପାଦକ ଜୟନ୍ତ ହାତୀଙ୍କୁ ପଚାରିବାରୁ ଗୋଟିଏ ଗୋଟିଏ ପରିବାରର ୫/୭ ଜଣଙ୍କ ନାମରେ କୃଷି ଋଣ ହୋଇଥିବା ସ୍ୱୀକାର ସହ ଅସହାୟତା ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ଛାତ୍ରୀ ମୃତ, ୨ ଯୁବକ ଗୁରୁତର

**ଜଗତ୍‌ସିଂହପୁର ଅଫିସ,୨୦।୬:** ଜଗତ୍‌ସିଂହପୁର ଥାନା ଅଧୀନ ରମ୍ଭାଦେଈପୁର ପଞ୍ଚାୟତରେ ଗୁରୁବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ବଜ୍ରପାତରେ ପଞ୍ଚାୟତ ଅନ୍ତର୍ଗତ ନରଣପୁର ଗ୍ରାମର ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ସୁବଳ ଭୋଇଙ୍କ କନ୍ୟା ତଥା ୯ମ ଶ୍ରେଣୀର ଛାତ୍ରୀ ସୁଜାତା ଭୋଇ। ଆହତଦ୍ୱୟ ହେଲେ ସୁଧୀର ଭୋଇଙ୍କ ପୁଅ ବଳରାମ ଓ ବସନ୍ତ ଭୋଇଙ୍କ ପୁଅ ବିଶ୍ୱରଞ୍ଜନ ବୋଲି ଜଣାଯାଇଛି। ସକାଳ ପ୍ରାୟ ୯ଟା ବେଳେ ବର୍ଷା, ଘଡଘଡି ସାଙ୍ଗକୁ ବିଜୁଳି ମାରିଥିଲା। ଏହି ସମୟରେ ନରଣପୁର ଗ୍ରାମର କିଛି ପିଲା ଗାଁ କୋଠ ଘରେ ଆଶ୍ରୟ ନେଇଥିବା ବେଳେ ହଠାତ୍ ବଜ୍ରପାତ ଯୋଗୁ ଏଭଳି ଅଘଟଣ ଘଟିଥିଲା। ସେମାନଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ସୁଜାତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଦ୍ୱୟ ଏବେ ଚିକିତ୍ସାଧୀନ ଅଛନ୍ତି।

### ଶହୀଦ ଅଜିତ୍ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିକୁଦା,୨୦।୬(ସ୍ୱ.ପ୍ର.):** କଶ୍ମୀରର ପୁଲୱାମାଠାରେ ଆଇଇଡି ବିସ୍ଫୋରଣରେ ପ୍ରାଣ ହରାଇଥିବା ବୀର ଓଡିଆ ଯବାନ ଶହୀଦ୍ ଅଜିତ୍ ସାହୁଙ୍କ ପ୍ରତି ଗୁରୁବାର ବାଲିକୁଦା ପ୍ରେସ କ୍ଲବ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କ୍ଲବ ପକ୍ଷରୁ ବାଲିକୁଦା ଡାକ ବଙ୍ଗଳାଠାରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଏଥିରେ କ୍ଲବ ସଭାପତି ମନୋଜ ଦାଶ, ସମ୍ପାଦକ ତାପସ ସ୍ୱାଇଁ, ସଞ୍ଜୟ ମହାନ୍ତି, ପରେଶ ଦାସ, ବିଦାନ ରାଉଳ, ଅଜୟ ରାଉତ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ୍ ଉପଦେଷ୍ଟା ପ୍ରଫୁଲ୍ଲ ଦାସଙ୍କ ପ୍ରସ୍ତାବ କ୍ରମେ ଶହୀଦଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ମାଟିଆପଡା ଏକାକ୍ଷର ଟୁଙ୍ଗିଠାରେ ଅନୁଷ୍ଠିତ ହୋଇଥିଲା। ସଂସଦ ସଭାପତି କୈଳାସ ବିଶ୍ୱାଳ, ସମ୍ପାଦକ ଅରୁଣ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ବାବନ ସ୍ୱାଇଁ, ଗନ୍ଧର୍ବ ଚରଣ ସାଉ, ଅଧ୍ୟାପକ ଅଶୋକ ସାମଲ, ପବିତ୍ର ମୋହନ ସାଉ, ସୁଶ୍ରୀ ସ୍ମିତା ଦାସ, ପ୍ରଫୁଲ୍ଲ ଷଡଙ୍ଗୀ, ସରୋଜକାନ୍ତ ସ୍ୱାଇଁ, ସ୍ୱେତ କୁମାର ସ୍ୱାଇଁ, ରଞ୍ଜନ କୁମାର ମାହନ୍ତି ପ୍ରମୁଖ ଯୋଗଦେଇ ଶହୀଦଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

### ପଞ୍ଚାୟତ ସମିତି ବୈଠକ ପାଇଁ ବିଜେଡିର ପ୍ରସ୍ତୁତି

**ବାଲିକୁଦା,୨୦।୬(ସ୍ୱ.ପ୍ର.):** ଶୁକ୍ରବାର ବାଲିକୁଦା ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ପ୍ରଥମ କରି ବାଲିକୁଦା-ଏରସମାର ନବ ନର୍ବାଚିତ ବିଧାୟକ ତଥା ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେବେ। ମନ୍ତ୍ରୀଙ୍କ ଯୋଗଦାନକୁ ନେଇ ବାଲିକୁଦା ବିଜେଡି କର୍ମୀ ଉତ୍ସହିତ ହୋଇପଡିଛନ୍ତି। ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକଙ୍କୁନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ଜିଲାପରିଷଦ ସଦସ୍ୟ ବବିତା ସ୍ୱାଇଁ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକଙ୍କ ସମେତ ବିଜେଡି ସମର୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ। ପ୍ରଥମ କରି ମନ୍ତ୍ରୀ ଯୋଗଦେଉଥିବାରୁ ତାଙ୍କୁ ସଭାଗୃହରେ ସମ୍ବର୍ଦ୍ଧନା ଦିଆଯିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହିତ କିପରି ଶାନ୍ତିଶୃଙ୍ଖଳାର ସହ ବୈଠକ କରାଯିବ ତାହା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ଓ ଉନ୍ନୟନ ମୂଳକ କାର୍ଯ୍ୟ କରିବାରେ ସମସ୍ତେ ସହଯୋଗର ହାତ ବଢାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କେତେକ ପଞ୍ଚାୟତରେ ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରେ ଠିକ ବୁଝା ମଣା ହୋଇ ପାରୁ ନାହିଁ। ପରିବର୍ତ୍ତୀ ସମୟରେ ମନ୍ତ୍ରୀଙ୍କ ଉପସ୍ଥିତିରେ ସେ ସବୁର ସମାଧାନ କରାଯିବ ବୋଲି କୁହାଯାଇଥିଲା। କେବଳ ଏତିକି ନୁହେଁ ଏଣିକି ପ୍ରତ୍ୟେକ ପଞ୍ଚାୟତ ସମିତି ବୈଠକ ପୂର୍ବରୁ ଏକ ସମୀକ୍ଷା ବୈଠକ ଡକା ଯାଇ ଜନ ସାଧାରଣଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ ବୋଲି ବୈଠକର ସଭାପତି ପ୍ରସ୍ତାବ ରଖିଥିଲେ।

# ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କୁ 'ବସୁନ୍ଧରା' ସମ୍ମାନ



ରାଜଶ୍ରୀଙ୍କୁ ବସୁନ୍ଧରା ସମ୍ମାନରେ ସମ୍ମାନିତ କରାଯାଉଛି। ନିକଟରେ ପୁରସ୍କୃତ ହୋଇଥିବା ଅନ୍ୟ କୃତୀ ପ୍ରତିଯୋଗୀ ।

**ତିର୍ତ୍ତୋଲ,୨୦।୬(ଡି.ଏନ.ଏ.)**

ତିର୍ତ୍ତୋଲ ଋତୁପର୍ଣ୍ଣା କଳାସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସମ୍ପାଦିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କୁ ବସୁନ୍ଧରା ସମ୍ମାନ-୨୦୧୯ରେ ସମ୍ମାନିତ କରାଯାଇଛି। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତରଜଙ୍ଗ ପଞ୍ଚାୟତ ବାଲିପାଟଣାଠାରେ ବ୍ୟାସଦେବ ମେଳଣ କମିଟି ଓ 'ବସୁନ୍ଧରା' ଅନୁଷ୍ଠାନ ତରଫରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ରବିପ୍ରସନ୍ନ ସାହୁ ଯୋଗଦେଇ ଅଧ୍ୟାପିକା ସ୍ୱାଇଁଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତଥା ଗତ ବିଶ୍ୱପ୍ରସିଦ୍ଧ ବରଗଡ ଧନୁଯାତ୍ରାରେ ରୋହିଣୀ ଭୂମିକାରେ ସଫଳତାର ସହ ଅଭିନୟ ପ୍ରଦର୍ଶନ କରି ଝଙ୍କଡ ମାଟିକୁ ଗର୍ବିତ କରିଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିରେ ଶିକ୍ଷାବିତ ମହେନ୍ଦ୍ର କୁମାର କାୟସ୍ଥ ସଭାପତିତ୍ୱ କରିଥିଲେ। ଆୟୋଜକ ବ୍ୟାସଦେବ ମେଳଣ କମିଟିର ପଦ୍ମନାଭ କୁଣ୍ଡୁ, ରୋହିଣୀ କୁମାର ପୃଷ୍ଟି, ବୀରେନ୍ଦ୍ର କୁମାର ରାୟ, ଗୁରୁଚରଣ ଦାସ, ବଂଶୀଧର ସ୍ୱାଇଁ, ଦୀଲିପ କୁଣ୍ଡୁ, ଅରୁଣ ସାମନ୍ତରାୟ, ବିମଳ ମହାପାତ୍ର, ସାରଦା ପ୍ରସନ୍ନ ପୃଷ୍ଟି, ଜ୍ଞାନରଞ୍ଜନ ଦାସ, ମନୋରଞ୍ଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଲିପାଟଣା ଓ ବଫାପୁର ଗ୍ରାମର ଜନସାଧାରଣଙ୍କ ସହଯୋଗରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ତିର୍ତ୍ତୋଲ,୨୦।୬(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର(ଶ) ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ବିଜେଡି ନେତା ଶରତ ଚନ୍ଦ୍ର ମହାପାତ୍ରଙ୍କ ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବାପରେ ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଡାକ୍ତରଖାନାକୁ ଯାଇ ତାଙ୍କ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମରଶରୀର ଶଙ୍ଖେଶ୍ୱରରେ ପହଞ୍ଚିବା ପରେ ବ୍ଲକ ବିଜେଡି ସଭାପତି ବସନ୍ତ ମହାପାତ୍ର, ସରପଞ୍ଚ କୃଷ୍ଣ ଚନ୍ଦ୍ର ଦାସଙ୍କ ସମେତ ସ୍ଥାନୀୟ ମୁରବୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ହୋଇଥିଲା
# ପୁତ୍ର ସନ୍ତାନ ଜନ୍ମ ଦେଲେ ନାବାଳିକା

**ଏରସମା,୨୦।୬(ସ୍ୱ.ପ୍ର.)**

ଏରସମା ଥାନା ଅଞ୍ଚଳର ଜଣେ ନାବାଳିକା ଗୁରୁବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଏହାପରେ ନାବାଳିକା ଓ ନବଜାତ ଶିଶୁର ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣା ପ୍ରଘଟ ହେବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ଭିଡ ଜମିଥିଲା।

ସୂଚନାଯୋଗ୍ୟ, ଥାନା ଅଧୀନ ଖୁରାଣ୍ଟ ଗ୍ରାମର ବିକାଶ ସାମନ୍ତ(୩୨)ନାମକ ବିବାହିତ ଯୁବକ ସମ୍ପୃକ୍ତା ୧୫ ବର୍ଷର ନାବାଳିକାଙ୍କୁ ଭୟଭୀତ କରାଇ ଅନୈତିକ ସମ୍ପର୍କ ରଖିଥିଲେ। ନାବାଳିକା ଏ ଘଟଣା କାହା ଆଗରେ ପ୍ରକାଶ କଲେ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। କିଛିଦିନ ପରେ ନାବାଳିକା ଗର୍ଭବତୀ ହେବାରୁ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏଥିସହିତ ଖବର ଚାରିଆଡ଼େ ବ୍ୟାପୀ ଯାଇଥିଲା। ପରେ ପରିବାର ପକ୍ଷରୁ ମେ' ୩୦ରେ ଏରସମା ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ମାମଲା (ନଂ-୮୧/୧୯)ରୁଜୁ କରିବା ସହ ଅଭିଯୁକ୍ତ ବିକାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଆଜି ଖୋଲିବ ସ୍କୁଲ
# ପଙ୍କପାଳବାସୀଙ୍କୁ ଘାରିଛି ମାଙ୍କଡ଼ ଭୟ

**କୁଜଙ୍ଗ,୨୦।୬(ସ୍ୱ.ପ୍ର)**



ପଙ୍କପାଳ ଗ୍ରାମବାସୀ ମାଙ୍କଡ଼ ଘଉଡାଉଛନ୍ତି।

କୁଜଙ୍ଗ ବ୍ଲକ ଅଞ୍ଚଳର ପଙ୍କପାଳ ବାସୀଙ୍କୁ ଘାରିଛି ମାଙ୍କଡ ଭୟ। ବିଗତ ଏକ ମାସ ହେଲା ଏକ ହନୁ ପ୍ରାୟ ୨୩ ଜଣଙ୍କୁ ଆକ୍ରମଣ କରିଥିବା ବେଳେ ଦୁଇ ଜଣ ଏବେ ମଧ୍ୟ କଟକ ବଡ ମେଡିକାଲରେ ଜୀବନ ସହ ସଂଘର୍ଷ କରୁଛନ୍ତି। ଏହାରି ମଧ୍ୟରେ ବନ ବିଭାଗ ବହୁ ଉଦ୍ୟମ ପରେ ମଧ୍ୟ ମାଙ୍କଡ ଧରାପଡି ନ ଥିବ ବେଳେ ବୁଧବାର ଜଣେ ବୃଦ୍ଧାଙ୍କୁ ମାଙ୍କଡ ଗୋଡାଇ ଥିବାବେଳେ ସେ ଅଳ୍ପେକେ ବର୍ତ୍ତି ଯାଇଥିଲେ। ଅନ୍ୟପକ୍ଷରେ ପଙ୍କପାଳରେ ସରକାରୀ ବେସରକାରୀକୁ ନେଇ ଅଠଟି ସ୍କୁଲ ରହିଥିବା ବେଳେ ପ୍ରାୟ ୩୦୦୦ ଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ ଏହି ମାଙ୍କଡ ପଙ୍କପାଳ ହାଇସ୍କୁଲ, ଇନ୍ଦିରା କଲୋନୀ ପାଖା ପାଖି ରହୁଥିବା ବେଳେ ଲୁଚିକରି ପଛପଟୁ କାମୁଡୁଛି। ଫଳରେ ବିଦ୍ୟାଳୟ ସବୁ ଶୁକ୍ରବାର ଖୋଲୁଥିବା ବେଳେ ଏବେ ଅଭିଭାବକ ଚିନ୍ତିତ ହୋଇପଡିଛନ୍ତି। ଏହି ସମସ୍ୟା ନେଇ ସ୍ଥାନୀୟ ସମିତିସଭ୍ୟ ପଦ୍ମନାଭ ସାହୁଙ୍କ ସହ ଅଞ୍ଚଳବାସୀ ବନ ବିଭାଗର ଦ୍ୱାରସ୍ଥ ହେବାସହ ରାସ୍ତାରୋକୋ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି।

## କନକପୁରରେ ଖୋଲିଲା ମୁଗ, ବିରି ମଣ୍ଡି

**ତିର୍ତ୍ତୋଲ,୨୦।୬(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁରସ୍ଥିତ ଜନ କଲ୍ୟାଣ ସେବା ସମବାୟ ସମିତିରେ ଗୁରୁବାର ମୁଗ ଓ ବିରି ମଣ୍ଡି ଉଦ୍‌ଘାଟିତ ହୋଇଛି। ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ସମିତି ସଭାପତି ଅଜୟ ରାଉଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ବିଜେଡି ସଭାପତି ବସନ୍ତ ମହାପାତ୍ର ଯୋଗଦେଇ ସରକାରଙ୍କ ନିୟମ ଅନୁଯାୟୀ ସବୁ ଚାଷୀ ଯେପରି ସୁବିଧାରେ ମୁଗ, ବିରି ବିକ୍ରୟ କରିପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟା ଲିପାଲି ରାଉଳ, ବିଡିଓ ରଞ୍ଜନ କୁମାର ପରିଡା, ମାର୍କଫେଡର ଗୋଦାମ ପରିଚାଳକ କିରଣ ନାୟକ, ସିସିବି ଶାଖା ପରିଚାଳକ ଦୋଳ ଗୋବିନ୍ଦ ଖଟୁଆ, ସମବାୟ ସମିତି ସମ୍ପାଦକ ପରମାନନ୍ଦ ଦାସ, ନୃସିଂହ ଚରଣ ଲେଙ୍କା, ଚିରଞ୍ଜୀବ ରାଉଳ, ଜୀବନ ଲେଙ୍କା, ସମିତି ବୋର୍ଡ ସଭ୍ୟ ବିଜୟ ରାଉଳ, ଅରୁଣ ମହାପାତ୍ର, ନିରଞ୍ଜନ ରାଉଳ, ସୁରେଶ ସାହୁ, ଉପସଭାପତି ପ୍ରତିମା ରାଉଳ, ଜୟନ୍ତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ବିଜୟ ନାୟକ ଅତିଥି ପରିଚୟ ସହ ସୂଚନା ପ୍ରଦାନ କରିଥିଲେ। ଶେଷରେ ସଭ୍ୟ ନିକୁଞ୍ଜ କିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପୁରୁଷୋତ୍ତମ ସାହୁ, କ୍ଷୀରୋଦ ସେଠୀ, ହରେକୃଷ୍ଣ ନାୟକ, ରଶ୍ମିରଞ୍ଜନ ପରିଜା, ବୀରକିଶୋର ବ୍ରହ୍ମ, ରମେଶ ରାଉଳ, ଅମର ଜ୍ୟୋତି ସାହୁ, ଅକ୍ଷୟ ସ୍ୱାଇଁ, ଶେଖ ଇଝାଉ ଉଦ୍ଦିନ ପ୍ରମୁଖ ପରିଚାଳନା କରିଥିଲେ। ପ୍ରଥମ ଦିନରେ ଚାଷୀ ଅଭୟ କୁମାର ରାଉତ, ଅଭୟ ସ୍ୱାଇଁ, ସରୋଜ ଜେନା ପ୍ରମୁଖ ମୁଗ ବିକ୍ରୟ କରିଥିଲେ।



ଜନକଲ୍ୟାଣ ସେବା ସମବାୟ ସମିତି ମଣ୍ଡିକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ

**ବିରିଡି,୨୦।୬(ଡି.ଏନ.ଏ)**

ବିରିଡ଼ି ବ୍ଲକ ଚାନ୍ଦପୁର ଦୁର୍ଗାମାଧବ ମନ୍ଦିରରେ ୨୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜଳଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଗୀତା ଓ ଚଣ୍ଡୀପାଠ କରାଯାଇ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବାଇଧର ଶତପଥୀଙ୍କ ସହ ଗ୍ରାମବାସୀ ପରିଚାଳନା କରିଥିଲେ। ପୂର୍ଣ୍ଣାହୁତି ଦେବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

# ୨୪ରୁ ଜମିହରା କୃଷକ ଏକତା ମଞ୍ଚର ଧାରଣା

**କୁଜଙ୍ଗ,୨୦।୬(ସ୍ୱ.ପ୍ର.)**

- ଖବରଦାତା ସମ୍ମିଳନୀରେ ଅଭିଯୋଗ
- ପ୍ରତିଶ୍ରୁତି ପାଳନ କରୁନାହାନ୍ତି ପାରାଦୀପ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ

ଜମିହରା କୃଷକ ଏକତା ମଞ୍ଚ ପକ୍ଷରୁ ଆସନ୍ତା ୨୪ତାରିଖରୁ ପାରାଦୀପ ତୈଳ ବିଶୋଧନାଗାର ପ୍ରଶାସନିକ ଭବନ ମୁଖ୍ୟ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣା ଦିଆଯିବ। ଗୁରୁବାର କୁଜଙ୍ଗସ୍ଥ ଲୋକନାଥ ଭବନଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ମଞ୍ଚ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବାରମ୍ବାର ଦାବି ସତ୍ତ୍ୱେ ଜମିହରାଙ୍କ ଦାବି ପୂରଣ ହେଉନାହିଁ। ଜମି ହରାଙ୍କୁ ଧୈର୍ଯ୍ୟକୁ ବିଶୋଧନାଗାର କର୍ତ୍ତୃପକ୍ଷ, ପ୍ରଶାସନ ପରୀକ୍ଷା କରୁଛନ୍ତି। ମାତ୍ର ଆଉ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

ପ୍ରକାଶଯେ, ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପରେ ଜମି ହରାଇଥିବା କୁଜଙ୍ଗ ତହସିଲ ଅଧୀନ ବିଭିନ୍ନ ରାଜସ୍ୱ ଗ୍ରାମର ୧୭୫୨ ପରିବାର ପକ୍ଷରୁ ବିଶୋଧନାଗାର ପ୍ରକଳ୍ପରେ ନିଯୁକ୍ତି ଦାବିରେ ମଞ୍ଚ ପକ୍ଷରୁ ୫ ବର୍ଷ ଧରି ଆନ୍ଦୋଳନ ହୋଇଆସୁଛି। ବିଶୋଧନାଗାର କର୍ତ୍ତୃପକ୍ଷ, ପ୍ରଶାସନ ଏବଂ ମଞ୍ଚ ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ଏକାଧିକ ତ୍ରିପାକ୍ଷିକ ଆଲୋଚନା ଜରିଆରେ ଜମିହରାଙ୍କୁ ପ୍ରକଳ୍ପରେ ନିଯୁକ୍ତି ନେଇ ଲିଖିତ ପ୍ରତଶ୍ରୁତି ପ୍ରଦାନ କରାଯାଉଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବାରେ ପ୍ରକଳ୍ପ କର୍ତ୍ତୃପକ୍ଷ ଏବଂ ପ୍ରଶାସନିକସ୍ତରରେ କୌଣସି ତତ୍ପରତା ପ୍ରକାଶ କରାଯାଉ ନାହିଁ। ମଞ୍ଚ ପକ୍ଷରୁ ଏହି ଅଭିଯୋଗ ଅଣାଯାଇ ଏକ ନିର୍ଣ୍ଣାୟକ ଏବଂ ଚୂଡ଼ାନ୍ତ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ମଞ୍ଚ ସଭାପତି ନବୀନ ପ୍ରଧାନ ପ୍ରକାଶ କରିଛନ୍ତି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଗତ ଫେବୃଆରୀ ପହିଲାରୁ ଛଅ ଦିନ ଧରି ତୈଳବିଶୋଧନାଗାର ମୁଖ୍ୟ ଫାଟକ ସମ୍ମୁଖରେ ଜମିହରାଙ୍କୁ ନିଯୁକ୍ତି ଦାବିରେ ଧାରଣା ଦିଆଯାଇଥିଲା। ଫଳରେ ବିଶୋଧନାଗାର କର୍ତ୍ତୃପକ୍ଷ, ଜମିହରା କୃଷକ ଏକତା ମଞ୍ଚ, ପ୍ରଶାସନ ପକ୍ଷରୁ ଏକ ତ୍ରିପାକ୍ଷିକ ଆଲୋଚନା ପାରାଦପ ଲକ୍ ଥାନାରେ ଅନୁଷ୍ଠିତ ହୋଇଥିଲା। ଆଲୋଚନାର ନିଷ୍ପତ୍ତି ଅନୁଯାୟୀ ତୁରନ୍ତ ଜମିହରା କୃଷକ ଏକତା ମଞ୍ଚର ୪୦ ଜଣଙ୍କୁ ନିଯୁକ୍ତି ପ୍ରଦାନ ଓ ପରବର୍ତ୍ତୀ ପର୍ଯ୍ୟାୟରେ ପିପି ପ୍ରୋଜେକ୍ଟରେ ଅନ୍ୟମାନଙ୍କୁ ନିଯୁକ୍ତି ପ୍ରଦାନ ନେଇ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ପରେ ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ପ୍ରତ୍ୟାହାର କରାଯାଇଥିଲା। ମାତ୍ର ଏହି ସମୟ ମଧ୍ୟରେ ବିଭିନ୍ନ ଠିକା ସଂସ୍ଥା ଏବଂ ବିଶୋଧନାଗାର ପ୍ରକଳ୍ପରେ ଶହଶହ ନିଯୁକ୍ତି କରାଯାଇଥିବାବେଳେ ଜମିହରା କୃଷକ ଏକତା ମଞ୍ଚର ଜଣଙ୍କୁ ମଧ୍ୟ ନିଯୁକ୍ତି ଦିଆଗଲା ନାହିଁ। ତେଣୁ ପ୍ରଶାସନର ଏହି ପ୍ରବଞ୍ଚନାକୁ ତୀବ୍ର ବିରୋଧ କରାଯିବା ସହିତ ଧାରଣା ଦିଆଯିବ ବୋଲି ମଞ୍ଚ ସଭାପତି ପ୍ରଧାନ ପକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଚ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ବିଶ୍ୱାଳ, ଉପସଭାପତି ରବୀନ୍ଦ୍ର ମାଝୀ, ସମ୍ପାଦକ ବାଇଧର ସାମଲ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଳାତ୍କାରୀଙ୍କୁ ସୁରକ୍ଷା ଦେଉଛି ପୋଲିସ

**କେନ୍ଦ୍ରାପଡା ଅଫିସ, ୨୦।୬:** ଟାଉନ ଥାନା ଅଞ୍ଚଳର ଜନୈକା ମହିଳାଙ୍କୁ ଗତ ୧୭ ତାରିଖ ରାତିରେ ବଳାତ୍କାର ହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଅଭିଯୁକ୍ତଙ୍କୁ ପୋଲିସ ସୁରକ୍ଷା ଦେଉଥିବା ପୀଡିତାଙ୍କ ସ୍ୱାମୀ ଗୁରୁବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀଙ୍କ ସୂଚନା ଅନୁଯାୟୀ, ୧୭ ତାରିଖ ରାତିରେ ଗ୍ରାମର ଜନୈକ ବ୍ୟକ୍ତି ବିଦ୍ୟୁତ କାଟର ସୁଯୋଗ ନେଇ ମହିଳାଙ୍କ ଘରେ ତଙ୍କୁ ବଳାତ୍କାର କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କୁ ପଚାରିବାରେ, ଅଭିଯୋଗକୁ ଭିତ୍ତିକରି ୧୦୫/୧୯ ନଂ.ରେ ମାମଲା ରୁଜୁ ହୋଇଛି। ତଦନ୍ତ ପ୍ରକ୍ରିୟା ଶେଷ ହୋଇଛି। ତେବେ ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଗିରଫ କରାଯାଇପାରି ନଥିବା ପୋଲିସ କହିଛି।

### ଯୋଗ ଶିବିର ପାଇଁ ପ୍ରସ୍ତୁତି



**ଡେରାବିଶ, ୨୦।୬ (ସ୍ୱ.ପ୍ର.):** ବିଶ୍ୱ ଯୋଗଦିବସ ପାଇଁ କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଇନ୍ଦୁପୁରସ୍ଥିତ ପାୟଲ ମ୍ୟୁଜିକ୍ ସ୍କୁଲ ପରିସରରେ ଯୋଗ ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଦେବେନ୍ଦ୍ର କୁମାର ରାଉତ ଏଥିରେ ଅଧକ୍ଷତା କରିଥିଲେ। ଜିଲା ନେହେରୁ ଯୁବ କେନ୍ଦ୍ର ଶାଖା ଓ ମ୍ୟୁଜିକ୍ ସ୍କୁଲର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁଥିବା ଯୋଗ ଶିବିର ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ବୈଠକରେ ଯୋଗଗୁରୁ ସଞ୍ଜୟ ବାବା ଯୋଗଦେଇ ଯୋଗ ତତ୍ତ୍ୱ, ମାହାତ୍ମ୍ୟ ଓ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ବୈଠକରେ ମ୍ୟୁଜିକ୍ ସ୍କୁଲ ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ, ଅଶୋକ କୁମାର ଜେନା, ପ୍ରକାଶ କୁମାର ଜେନା, ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାମନାରାୟଣ ସିଂ ଧନ୍ୟବାଦ ଦେଇଥିଲେ।

## ■ କୃଷି ଅଧିକାରୀ ଓ ସୁପରଭାଇଜରଙ୍କ ବଦଳି ଦାବି

# ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

**ରାଜକନିକା, ୨୦।୬(ଡି.ଏନ୍.ଏ)**



ଅନଶନରେ ବସିଥିବା ଚାଷୀ ଓ କୃଷକ ସାଥୀମାନେ।

ରାଜକନିକା କୃଷି ବିଭାଗରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ନେଇ କୃଷି ଅଧିକାରୀ ଓ ସୁପରଭାଇଜରଙ୍କ ବଦଳି ଦାବିରେ କୃଷକ ସାଥୀ ଓ ସ୍ଥାନୀୟ କୃଷକମାନେ ଦୁଇ ଦିନ ଧରି ଦେଇଥିବା ଅନଶନ ଗୁରୁବାର ପ୍ରତ୍ୟାହୃତ ହୋଇଛି। ପଟ୍ଟାମୁଣ୍ଡାଇ ସର୍କଲ ଜିଲା କୃଷି ଅଧିକାରୀ ଜୟନାରାୟଣ ମହାପାତ୍ର ଅନଶନସ୍ଥଳରେ ପହଞ୍ଚି ଆସନ୍ତା ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗତ ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ରାଜକନିକା ଅଞ୍ଚଳରେ ବ୍ୟାପକ ଫସଲ ହାନି ଘଟିଥିଲା। ହେଲେ କୃଷି ବିଭାଗ ପକ୍ଷରୁ ସରକାରଙ୍କୁ କ୍ଷୟକ୍ଷତିର ଠିକ୍ ରିପୋର୍ଟ ପ୍ରଦାନ କରା ନ ଯିବାରୁ ଚାଷୀମାନେ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଲେ। ଏଥିସହ କୃଷକମାନଙ୍କ ଲାଗି କୃଷି କାର୍ଯ୍ୟାଳୟକୁ ଆସୁଥିବା ସମସ୍ତ ସହାୟତାରୁ ବ୍ଲକ ଅଞ୍ଚଳର ଚାଷୀ ବଞ୍ଚିତ ହେବା, କୃଷି କାର୍ଯ୍ୟାଳୟରେ ସହକାରୀ କୃଷି ଅଧିକାରୀ ଓ ଓଭରସିଅରଙ୍କ ବିଭିନ୍ନ ମନମୁଖୀ କାର୍ଯ୍ୟକଳାପ ପ୍ରତିବାଦରେ ଚାଷୀ ଓ କୃଷକସାଥୀମାନେ ବୁଧବାରଠାରୁ ଆମରଣ ଅନଶନରେ ବସିଥିଲେ। ଏଥିସହିତ ସରକାରଙ୍କ ତରଫରୁ କୃଷି ବିଭାଗରୁ ଡେମୋନଷ୍ଟ୍ରେଶନ ପାଇଁ ଆସୁଥିବା ପ୍ରାମାଣିକ ଧାନ ବିହନ, ମୁଗ, ବିରି, ଚିନାବାଦାମ, ସୋରିଷ ଆଦିକୁ ଦଲାଲମାନଙ୍କ ଜରିଆରେ ବିକ୍ରି କରାଯିବା ନେଇ ଅଭିଯୋଗ ହୋଇଥିଲା। ଏପରିକି ଔଷଧ, କୃଷି ଯନ୍ତ୍ରପାତି ବାବଦକୁ ଆସୁଥିବା ସବସିଡ଼ିରୁ ବିଭାଗୀୟ ଅଧିକାରୀ ଫାଇଦା ନେବା, ଧାଡ଼ି ରୁଆ ପ୍ରୋତ୍ସାହନ ରାଶିରୁ ଭାଗନେବା, ମୁଗ ସ୍କିମ୍‌ରେ ଚାଷୀମାନଙ୍କୁ ମିଳୁଥିବା ୫ଶହ ଟଙ୍କା ପ୍ରଦାନ ନ କରିବା ଏବଂ ଚାଷୀମାନଙ୍କ ନାମରେ ଆସୁଥିବା ଯନ୍ତ୍ରପାତି ଓ କୀଟନାଶକ, ସାର ବାହାରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଥିଲା। ତେବେ କୃଷି ଅଧିକାରୀ ଓ ସୁପରଭାଇଜରଙ୍କ ବଦଳି ଦାବିରେ କୃଷକସାଥୀ ଓ କୃଷକ ବିବେକାନନ୍ଦ ବେହେରା, ଗୋପବନ୍ଧୁ ମହାନ୍ତି, ବାସୁଦେବ ସାହୁ, ଧନଞ୍ଜୟ ପଣ୍ଡା, ହେମନ୍ତ କୁମାର ପ୍ରଧାନ, ମୂରଲୀ ସାହାଣୀ, ଧନଞ୍ଜୟ ନାୟକ, କୀର୍ତ୍ତନ ଚନ୍ଦ୍ର ସାହୁ, ସନ୍ତୋଷ ବେହେରାଙ୍କ ସମେତ ବହୁ ଚାଷୀ ଏହି ଆମରଣ ଅନଶନରେ ବସିଥିଲେ।

## ■ ଦାଦନ ଦୁଃଖ, ବର୍ଷକ ତଳେ ଘର ଛାଡ଼ିଥିଲେ

# ବ୍ରହ୍ମପୁର ମେଡିକାଲରୁ ମିଳିଲା ମୃତଦେହ

**କେନ୍ଦ୍ରାପଡା ଅଫିସ, ୨୦।୬**

କେନ୍ଦ୍ରାପଡ଼ା ଜିଲାରେ ଦାଦନ ଶ୍ରମିକଙ୍କ ନିର୍ଯାତନା କାହାଣୀ ଥମିବାର ନାଁ ଧରୁନି। ମାର୍ଶାଘାଇ ବ୍ଲକ ଆଇତପୁର ପଞ୍ଚାୟତ ବିଲବଳରାମପୁର ଗ୍ରାମର ସନାତନ ବିଶ୍ୱାଳଙ୍କ ପୁଅ ମନୋଜଙ୍କ ମୃତ୍ୟୁ ଘଟଣା ଜିଲାର ଦାଦନ ଶ୍ରମିକଙ୍କ ନିର୍ଯାତନାର ଆଉ ଏକ ସାମନାକୁ ଆଣିଛି। ମନୋଜ ବର୍ଷେ ପୂର୍ବେ କର୍ମ ଅନ୍ୱେଷଣରେ ଘର ଛାଡ଼ିଥିଲେ। ତେବେ ବୁଧବାର ବ୍ରହ୍ମପୁର ଡାକ୍ତରଖାନାରୁ ତାଙ୍କ ଶବ ମିଳିଛି। ସୂଚନା ଅନୁଯାୟୀ, ମନୋଜ ପୁରୀ ଜିଲା ବାଲୁଗାଁଠାରେ କ୍ଷତାକ୍ତ ଅବସ୍ଥାରେ ରାସ୍ତାରେ ପଡିଥିଲେ। ତେବେ ସ୍ଥାନୀୟ କେତେଜଣ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ତାଙ୍କ ନିକଟରେ ଥିବା କାଗଜପତ୍ର ତନଖି ପରେ ସେ ବିଲବଳରାମପୁର ଗ୍ରାମର ମନୋଜ ବୋଲି ଜଣାପଡିଥିଲା। ପରିବାର ସଦସ୍ୟ ଗୁରୁବାର ବ୍ରହ୍ମପୁର ମେଡିକାଲ ଯାଇ ଶବ ଚିହ୍ନଟ କରିଥିବା ସୂଚନା ମିଳିଛି।

ସୂଚନାଥାଉ କି, ପଟ୍ଟାମୁଣ୍ଡାଇ ଥାନା ଖରିଅଣ୍ଟ ଗ୍ରାମର କୈଳାସ ମଲ୍ଲିକଙ୍କ ପୁଅ ଦଶରଥ (୨୬) ହାଇଦ୍ରାବାଦରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବଳେ ଠିକାଦାର ମାଡ଼ରେ ତାଙ୍କ ପିଠି ହାଡଭାଙ୍ଗି ଯାଇଥିଲା। ସେ ଏବେ ଘରେ ବସିଥିବା ବେଳେ ଦାଦନ ଖଟିବାକୁ ଯାଇଥିବା ନୀଳକଣ୍ଠପୁର ଗ୍ରାମର ରବୀନ୍ଦ୍ର ସାହୁଙ୍କ ପୁଅ ସନ୍ତୋଷ (୨୨) ଏବେ ବି ନିଖୋଜ ଅଛନ୍ତି।

## ■ ରାଜନଗରରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା

# ତିନିମୁହାଣିରେ ରାସ୍ତାରୋକୋ




ତିନିମୁହାଣିଠାରେ ଛାତ୍ର ବିଜେଡି ପକ୍ଷରୁ ରାସ୍ତାରୋକୋ।

**କେନ୍ଦ୍ରାପଡା ଅଫିସ, ୨୦।୬**

ଗତ ୧୮ ତାରିଖ ରାତିରେ ରାଜନଗର ବ୍ଲକ ତ୍ରିନାଥ ବଜାରଠାରେ ଥିବା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି କେହି ଦୁର୍ବୃତ୍ତ ଭାଙ୍ଗି ଦେବା ନେଇ ଜିଲା ବିଜେଡି ପ୍ରତିକ୍ରୀୟାଶୀଳ ହୋଇପଡ଼ିଛି। ସହରର ତିନିମୁହାଣିଠାରେ ଛାତ୍ର ବିଜେଡି ପକ୍ଷରୁ ଗୁରୁବାର ଘଣ୍ଟିକିଆ ରାସ୍ତାରୋକୋ କରାଯାଇଥିଲା। ସକାଳ ପ୍ରାୟ ୯ଟା ବେଳେ ଛାତ୍ର ବିଜେଡି ପକ୍ଷରୁ ରାସ୍ତାରୋକୋ ହୋଇଥିଲା। ଏଥିଯୋଗୁ ପ୍ରାୟ ଘଣ୍ଟାଏ କାଳ ଗାଡ଼ିମୋଟର ଯାତାୟତ ବନ୍ଦ ରହିଥିଲା। ପରେ ଜିଲା ପୋଲିସର ହସ୍ତକ୍ଷେପ ପରେ ଏହି ରାସ୍ତାରୋକୋ ହଟିଥିଲା। ଜିଲା ଛାତ୍ର ବିଜେଡି ସଭାପତି ପ୍ରଦୀପ ସାହୁ, ବରିଷ୍ଠ ନେତା ରାଜେଶ ଦାସ, ଦେବୁ ମଲ୍ଲିକ, ରଞ୍ଜନ କୁମାର ପୃଷ୍ଟି ପ୍ରମୁଖ ରାସ୍ତାରୋକୋର ନେତୃତ୍ୱ ନେଇଥିଲେ। ସେହିପରି ଏହି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ ଦାବି କରାଯାଇ ନଗର ବିଜେଡି ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ନେତା ଦେବଦାସ ମହାନ୍ତି, ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ପୂର୍ବତନ ପୌରାଧକ୍ଷ ଧୀରେନ ସାହୁ, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, ମହମ୍ମଦ ଇନାୟତଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ବିଦ୍ୟୁତ୍‌କାଟ ପ୍ରତିବାଦରେ ରାସ୍ତାରୋକୋ

**କେନ୍ଦ୍ରାପଡ଼ା ଅଫିସ୍, ୨୦।୬**

ଦୈନିକ ୮ରୁ ୧୦ ଘଣ୍ଟା ବିଦ୍ୟୁତ୍ କାଟ୍ ପ୍ରତିବାଦରେ ସହରର ବଡମଙ୍ଗଳା ଛକଠାରେ ଗ୍ରାମବାସୀଙ୍କ ପକ୍ଷରୁ ଗୁରୁବାର ଦୁଇ ଘଣ୍ଟା ଧରି ରାସ୍ତାରୋକୋ କରାଯାଇଥିଲା। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିବା ସହ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। ପରେ ବିଦ୍ୟୁତ ବିଭାଗ ଓ ଏନଜେନ କର୍ତ୍ତୃପକ୍ଷ ଏହି ସମସ୍ୟା ଶିଘ୍ର ସମାଧାନ ହେବା ପ୍ରତିଶ୍ରୁତି ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଛି। ଏ ସମ୍ପର୍କରେ ବଡମଙ୍ଗଳାର ନୃସିଂହ ପ୍ରସାଦ ପତ୍ରୀ କୁହନ୍ତି ଯେ, ବିଦ୍ୟୁତ୍ କାଟ ସ୍ଥାନୀୟ ଅଞ୍ଚଳ ପାଇଁ ଏକ ସମସ୍ୟା ହୋଇଛି। ଦୈନିକ ୮ରୁ ୧୦ ଘଣ୍ଟା ବିଦ୍ୟୁତ କାଟ୍ ହେଉଛି। ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଯୋଗୁ ଜନଜୀବନ ଅତିଷ୍ଠ ହୋଇପଡୁଥିବା ବେଳେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଯନ୍ତ୍ରଣା ବଢ଼ାଇ ଦଉଛି। ଏହାଫଳରେ ଘରୋଇ କାର୍ଯ୍ୟ ମଧ ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ସେସୁ ଓ ଏନ୍‌ଜେନ୍ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଫଳରେ ସମସ୍ୟାକୁ ପ୍ରଶାସନର ଦୃଷ୍ଟିଗୋଚର କରିବା ସାକଶେ ଗ୍ରାମବାସୀ ରାସ୍ତାରୋକୋ କରିଥିବା ନୃସିଂହ କହିଛନ୍ତି। ଏ ସମ୍ପର୍କରେ ଏନ୍‌ଜେନ୍ ଏସ୍‌ଡିଓ ସନ୍ନ୍ୟାସି ପ୍ରଧାନଙ୍କୁ ପଚାରିବାରେ, ବାତ୍ୟା ଓ ଆସନ୍ତା ରଥଯାତ୍ରା ପାଇଁ ବିଦ୍ୟୁତ୍ ବିଭାଗ ମରାମତି କାର୍ଯ୍ୟରେ ଲାଗିଛି। ଏହି ମରାମତି କାର୍ଯ୍ୟ ଆଗାମୀ ଦୁଇଦିନରେ ଶେଷ ହେବା ପରେ ବିଦ୍ୟୁତ୍ କାଟ୍ ସମସ୍ୟା କମିଯିବ ବୋଲି ପ୍ରଧାନ କହିଛନ୍ତି।

## ■ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ନେଇ ଉତ୍ତେଜନା

# ଆଜି ୬ ଘଣ୍ଟିଆ ରାଜନଗର ବନ୍ଦ ଡାକରା

**ରାଜନଗର, ୨୦।୬(ଡି.ଏନ.ଏ.)**



ବିଜୁ ସ୍ମୃତି ସଂସଦ ପରିସରକୁ ପ୍ରଶାସନ କବଜାକୁ ଆଣି ନାଲି ପତାକା ଲଗାଇଛି।

ରାଜନଗର ବ୍ଲକ ତ୍ରିନାଥ ବଜାର ନିକଟ ବିଜୁ ସ୍ମୃତି ସଂସଦ ପରିସରରେ ଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତମାନେ ଭାଙ୍ଗିବା ଘଟଣା ନେଇ ଉତ୍ତେଜନା ପ୍ରକାଶ ପାଇଛି। କେବଳ ରାଜନଗର ନୁହେଁ, ପଟ୍ଟାମୁଣ୍ଡାଇ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଏହି ଘଟଣାକୁ ନିନ୍ଦା କରାଯାଇଛି। ଏଥିରେ ସଂପୃକ୍ତ ଥିବା ଦୁର୍ବୃତ୍ତମାନଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସବୁ ମହଲରୁ ଦାବି ହୋଇଛି। ପ୍ରତିମୂର୍ତ୍ତି ଭାଙ୍ଗି ବିଜୁବାବୁଙ୍କ ଭଳି ମହାନ ବ୍ୟକ୍ତିଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରାଯାଇଥିବାରୁ ଏହାର ପ୍ରତିବାଦରେ ଶୁକ୍ରବାର ୬ ଘଣ୍ଟିଆ ରାଜନଗର ବନ୍ଦ ଡାକରା ଦିଆଯାଇଛି।

ରାଜନଗର ବ୍ଲକର ଗର୍ଜନପୁର ମୌଜାରେ ବିଜୁ ସ୍ମୃତି ସଂସଦ ନିର୍ମାଣ ହୋଇଛି। ରାଜନଗରର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଏହି ସ୍ମୃତି ସଂସଦ ପରିସରରେ ନିର୍ମିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଗତ ୧୮ ତାରିଖ ରାତିରେ କେହି ଦୁର୍ବୃତ୍ତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିର ମୁଣ୍ଡକୁ ଭାଙ୍ଗି ଦେଇଥିବା ବେଳେ ଏହା ହଂସୁଆ ନଦୀକୁ ସଂଯୋଗ କରୁଥିବା କ୍ରିକ ପାଖରେ ପଡି ରହିଥିଲା। ଏହା ଜଣାପଡିବା ପରେ ସମଗ୍ର ରାଜନଗରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବୁଧବାର ସନ୍ଧ୍ୟାରେ ତ୍ରିନାଥବଜାର ଛକରେ ବିଜେଡି କର୍ମୀ ଓ ଜନସାଧାରଣ ଟାୟାର ଜାଳି ଏହାର ପ୍ରତିବାଦ କରିଥିଲେ। ଏହାଛଡା ରାଜନଗର ବ୍ଲକ ବିଜେଡି ମହିଳା ମୋର୍ଚ୍ଚାର ସଭାନେତ୍ରୀ ରଶ୍ମିରଞ୍ଜିତା ସ୍ୱାଇଁ ଏ ନେଇ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଓ ତାଙ୍କ ଅନୁଗତଙ୍କ ନାଁରେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ମାମଲା ରୁଜୁ କରି ନ ଥିଲେ ମଧ ତଦନ୍ତ ଜାରି ରହିଛି ବୋଲି ଏସଡିପିଓ ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି। ଗୁରୁବାର ବ୍ଲକ ବିଜେଡି କାର୍ଯ୍ୟାଳୟରେ ରାଜନଗରର ବୁଦ୍ଧିଜୀବୀ, ମୁରବୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟଙ୍କୁ ନେଇ ଜରୁରୀ ବୈଠକ ବସିଥିଲା। ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ନିନ୍ଦା କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶୁକ୍ରବାର ସକାଳ ୬ ରୁ ମଧ୍ୟାହ୍ନ ୧୨ଟା ଯାଏଁ ରାଜନଗର ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ରାଜନଗର ବଣିକ ସଂଘ, ବିଭିନ୍ନ ବଜାର କମିଟି, ପୋଲିସ ପ୍ରଶାସନକୁ ଜଣାଇ ଦିଆଯାଇଛି। ଡାକବାଜି ଯନ୍ତ୍ର ଯୋଗେ ରାଜନଗର ବନ୍ଦରେ ବହୁ ସଂଖ୍ୟାରେ ବିଜୁପ୍ରେମୀ ସାମିଲ ହେବାକୁ ନିବେଦନ କରାଯାଇଛି। ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟରାମ ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ଜିଲା ପରିଷଦ ସଭ୍ୟ ରବିନ୍ଦ୍ର ସେଠୀ, ନରହରି ଜେନା ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡା ଜିଲାପାଳଙ୍କ ଉଦ୍ଦେଶ୍ୟରେ ରାଜନଗର ତହସିଲଦାରଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଭାଜପାରେ ଯୋଗଦେବା ପରେ ଚକ୍ରାନ୍ତ କରାଯାଇ ବିଜୁ ସ୍ମୃତି ସଂସଦର ଗାରିମା ନଷ୍ଟ କରାଯିବା ସହ ପୂଜ୍ୟପୂଜାକୁ ଅବମାନନା କରାଯାଇଛି। ଏହାର ନିରପେକ୍ଷ ତଦନ୍ତ କରାଯାଇ ଏହି ଘଟଣାରେ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ନୂତନ ଭାବେ ବିଜୁବାବୁଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସ୍ଥାପନ ଓ ସେ ସ୍ଥାନକୁ ବିଜୁ ବାବୁଙ୍କ ନାଁରେ ଶିଶୁ ଉଦ୍ୟାନ କରିବା ପାଇଁ ଦାବି ହୋଇଛି। ଦାବିପତ୍ର ପାଇବା ପରେ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସ, ଆଇଆଇସି ତପନ କୁମାର ନାୟକ ବିଜୁ ସ୍ମୃତି ସଂସଦ ପରିସରରେ ନାଲି ପତାକା ମାରି କବଜାକୁ ନେଇଛନ୍ତି।

# ରାତିଅଧିଆ ଆକ୍ରମଣ: ଯୁବକ ଗିରଫ

**ରାଜନଗର, ୨୦।୬(ଡି.ଏନ.ଏ.)**

ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ଏକ ପରିବାରକୁ ରଜ ପୂର୍ବରୁ ୪ଜଣ ଯୁବକ ରିଭଲ୍‌ଭର ଦେଖାଇ ଭୟଭୀତ କରିବା ସହ ମାଡ ମାରିଥିଲେ । ଏହି ଘଟଣାରେ ପୋଲିସ ବୁଧବାର ରାକେଶ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ଗତ ୧୨ ତାରିଖ ରାତିରେ ରାକେଶ ଅନ୍ୟ ୩ ଜଣ ଯୁବକଙ୍କ ସହ ମିଶି ବଳଭଦ୍ରପୁର ଗାଁର ସସ୍ମିତା ପାତ୍ରଙ୍କ ଘରର କବାଟ ବାଡେଇଥିଲେ। ସସ୍ମିତାଙ୍କ ଶାଶୁ କବାଟ ଖୋଲିବା ପରେ ତାଙ୍କୁ ଧକ୍କା ମାରିଥିଲେ। ପାଟି ଶୁଣି ସସ୍ମିତା ଉଠି ଆସି ପ୍ରତିବାଦ କରିବାରୁ ତାଙ୍କୁ ଅସଦାଚରଣ କରିଥିଲେ। ଏପରି କି ତାଙ୍କର ଅଢେଇ ବର୍ଷର ଶିଶୁପୁତ୍ରକୁ ଚାପୁଡା ମାରିଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ଦୁର୍ଯ୍ୟୋଧନ ପାତ୍ର ପ୍ରତିବାଦ କରିବାରୁ ତାଙ୍କ ମୁଣ୍ଡରେ ଦୁଇଜଣ ଯୁବକ ରିଭଲ୍‌ଭର ଲଗାଇ ମାଡ ମାରିବା ସହିତ ପୁଅକୁ ମାରି ଦେବାକୁ ଧମକ ଦେଇଥିଲେ। ସସ୍ମିତାଙ୍କ ଅଭିଯୋଗ ପରେ ରାଜନଗର ଥାନାରେ ମାମଲା ରୁଜୁ ହୋଇଥିଲା। ବୁଧବାର ରାତିରେ ପୋଲିସ ରାକେଶଙ୍କୁ ରାଜନଗର ବଜାର ରୁ ଗିରଫ କରିଥିଲା। ରାକେଶଙ୍କ ଘରୁ ପୋଲିସ ରିଭଲଭର ଜବତ କରିଛି। ପଚରା ଉଚରା ବେଳେ ସେ ଏହା କଲିକତାରୁ କିଣିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

# ବିପର୍ଯ୍ୟୟ ପ୍ରଶମନ ସମ୍ପର୍କିତ ମକ୍‌ଡ୍ରିଲ୍

**ଡେରାବିଶ, ୨୦।୬ (ସ୍ୱ.ପ୍ର.)**



ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବିରରେ ଅତିଥିମାନେ।

ଡେରାବିଶ ବ୍ଲକ ପରିସରରେ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଗୋପବନ୍ଧୁ ଭୋସାଗରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣ କିପରି ନିଜକୁ ଓ ଆଖପାଖ ଲୋକଙ୍କୁ ସୁରକ୍ଷିତ ରଖିପାରିବେ ସେ ନେଇ ସୁରକ୍ଷିତ ରଖିପାରିବେ ସେ ନେଇ ବିଭିନ୍ନ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ମୁଖ୍ୟଅତିଥି ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡେରାବିଶ ଅଗ୍ନିଶମ କେନ୍ଦ୍ର ଅଧିକାରୀ ଭୀମସେନ ଲେଙ୍କା ଯୋଗଦେଇ ବିପର୍ଯ୍ୟୟ ବେଳେ ଜୀବନ ରକ୍ଷା ନିମନ୍ତେ ବିଭିନ୍ନ ଉପାୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଡିଓ ଭଞ୍ଜକିଶୋର ନାୟକ ଓ ୧୩ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଜବା ମୁର୍ମୁ ଯୋଗଦେଇ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ତାପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ କୁମାରଚନ୍ଦ୍ର ବଳ, ପୂର୍ଣ୍ଣାନନ୍ଦ ବେହେରା, ବିଭୁଦେନ୍ଦୁ ପଣ୍ଡା, ଲିଲିମା ପରିଡ଼ା, ନିରୁପମା ଷଡ଼ଙ୍ଗୀ, ଶୁଦ୍ଧଦେବ ବେହେରା, ପ୍ରଭାତ ମଲିକ, କନକଲତା ସାହୁ, ବଟକୃଷ୍ଣ ସେଠୀ, ସମିତିସଭ୍ୟ କ୍ଷେତ୍ରବାସୀ ନାୟକ, ମାନସ ଜେନା, ବଂଶୀଧର ମଲିକ, ସୁନିତା ବଳ ପ୍ରମୁଖ ଯୋଗଦେଇଥିଲେ। ଡେରାବିଶ ଅଗ୍ନିଶମ କେନ୍ଦ୍ରର ଆଗ୍ନିକ ମହେଶ୍ୱର ବେହେରା, ଗୋପୀନାଥ ସେଠୀ, ମାନସ କୁମାର ସେନାପତି ଓ ଜିତେନ୍ଦ୍ର କୁମାର ଡାକୁଆ ପ୍ରମୁଖ ପ୍ରକୃତିକ ବିପର୍ଯ୍ୱୟ ସମୟରେ ଆପାତକାଳୀନ ସୁରକ୍ଷା ପ୍ରଶିକ୍ଷଣ ମକଡ୍ରିଲ ପ୍ରଦର୍ଶନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ଚଇନୀ, ଜରୁରିକାଳୀନ ଅଧିକାରୀ ରବିନାରାୟଣ ମହାପାତ୍ର, ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ନନ୍ଦିନୀ ଶତପଥୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ■ ଡେରାବିଶରେ ବ୍ୟାପୁଛି ଝାଡ଼ାବାନ୍ତି

# ୩ ଦିନରେ ୬୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ଡେରାବିଶ, ୨୦।୬ (ସ୍ୱ.ପ୍ର.)**



ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀ।

ଡେରାବିଶ ବ୍ଲକ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପୁଛି। ଗତ ୩ ଦିନ ମଧ୍ୟରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୦ଜଣ ଭର୍ତ୍ତି ହୋଇଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ଦୈନିକ ବହୁ ରୋଗୀ ଝାଡ଼ାବାନ୍ତି ଔଷଧ ନେଉଥିବା ଜଣପଡ଼ିଛି।

ବ୍ଲକ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପୁଥିବା ବେଳେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟନ୍ଦ୍ରେରେ ରୋଗୀଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା ନ ଥିବା ଅଭିଯୋଗ ହୋଇଛି। ଫଳରେ ବହୁରୋଗୀ ବାଧ ହୋଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି। ଡାଇରିଆ ୱାର୍ଡର ଚତୁଃପାର୍ଶ୍ୱ ଜଙ୍ଗଲ ହୋଇଥିବା ବେଳେ ଡାଇରିଆ ୱାର୍ଡରେ ତାଲା ପଡ଼ିଛି। ଫଳରେ ଝାଡ଼ାବାନ୍ତି ରୋଗୀଙ୍କୁ ଜେନେରାଲ ଓ ପ୍ରସୂତୀ ୱାର୍ଡରେ ରଖାଯାଇଛି। କମ୍ ସଂଖ୍ୟକ ଶଯ୍ୟା ଥିବାରୁ ରୋଗୀମାନେ ମେଡିକାଲରେ ବହୁ ଅସୁବିଧା ଭୋଗୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ କହିଛନ୍ତି। ଶଯ୍ୟା କମ୍ ଥିବାରୁ ବହୁ ରୋଗୀଙ୍କୁ ମେଡିକାଲ କର୍ତ୍ତୃପକ୍ଷ କେବଳ ମେଡିସିନ୍ ଦେଇ ଘରକୁ ପଠାଇ ଦେଉଛନ୍ତି।

ଗତ ୧୭ ତାରିଖରେ ଏହି ଡାକ୍ତରଖାନାରେ ୧୪ଜଣଙ୍କୁ ଆଡମିଶନ କରାଯାଇଥିଲା। ହେଲେ ଶଯ୍ୟା ଅଭାବରୁ ୪ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ସେହିପରି ୧୮ ତାରିଖରେ ୧୧ଜଣ ଭର୍ତ୍ତି ହୋଇଥିବା ବେଳେ ୧୯ ତାରିଖରେ ୧୯ଜଣ ଭର୍ତ୍ତି ହୋଇଥିଲେ। ସେହିପରି ଗୁରୁବାର ଅପରାହ୍ନ ୪ଟା ସୁଦ୍ଧା ଚଷାଖଣ୍ଡ ଗ୍ରାମର ସୁପ୍ରଭା ବେହେରା(୩୧) ଓ ରାହୁଲ ବେହେରା(୧୮), ଓଉଖଣ୍ଡର ରୁଦ୍ର ବେଦାନ୍ତ(୧୨), ଅଳାବାଙ୍କର ନକୁଳୀ ପ୍ରଧାନ(୬୫), ଦୁମୁକାର ଅମ୍ବିକା କାଣ୍ଡି(୨୦), କପିଳ କାଣ୍ଡି(୮୦) ଓ ସୁନେଇ କାଣ୍ଡି(୮୦), ଚାଟରା ଶାସନର ଅମ୍ବିକା ମିଶ୍ର(୪୧) ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏଥିସହ ଓଲଡ଼ିର ସୁନୀଲ ବେହେରା(୩୯), କଲ୍ୟାଣୀ ତ୍ରିପାଠୀ(୧୦), ସକିଲା ବେଗମ(୩୪) ଓ ହରପ୍ରୀୟା ବେହେରା(୧୭), ଭୂଇଁପୁରର ମନୋଜ ମଲିକ(୩୩) ଓ ନମିତା ମଲିକ(୩୨), କୁସୁନପୁରର ଶୈଳବାଳା ମଲିକ (୪୬), ରଘୁଦେଇପୁରର ଲକ୍ଷ୍ମୀନାରାୟଣ ତରାଇ(୫୪), ବାଘିଲୋ ବାବନପୁରର କୁସୁମ ମଲିକ(୫୫), ନୁଆଁଗାଁର ଇନ୍ଦ୍ରମଣୀ ବରାଳ(୮୦), ବଳଭଦ୍ରପୁରର ମହେନ୍ଦ୍ର କାଣ୍ଡି(୧୦), ଜାଗୁଳାଇପଡ଼ାର ଶ୍ରୀନିବାସ ପ୍ରଧାନ(୪୦) ଏବଂ ଚାଟରାଚକଡ଼ାର ବ୍ରଜବନ୍ଧୁ କାଣ୍ଡିଙ୍କୁ ମିଶାଇ ମୋଟ ୨୨ ଜଣ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ମାତ୍ର ୩ ଦିନରେ ୬୦ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବାରୁ ମେଡିକାଲ କର୍ତ୍ତୃପକ୍ଷ ଏହାର ନିରାକରଣ ଦିଗରେ ଦୃଷ୍ଟି ଦେବା ସହ ମେଡିକାଲର ଡାଇରିଆ ୱାର୍ଡ ପୁନରୁଦ୍ଧାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୧ ଜୁନ୍, ୨୦୧୯



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ। ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତ କୋର୍ଟ ଚାଲାଣ

**ଧର୍ମଶାଳା,୨୦।୬(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଗୁରୁବାର ପୋଲିସ ଜଣେ ଯୁବକଙ୍କୁ ଗିରଫକରି ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ଜାଲଶୁଖା ଗ୍ରାମର କାର୍ତ୍ତିକ ଦେହୁରୀ (୨୧)। ପ୍ରକାଶ ଯେ, ବୁଧବାର ରାତିରେ କାର୍ତ୍ତିକ ଉକ୍ତ ଯୁବତୀଙ୍କ ଘରେ ପଶି ଅସଦାଚରଣ କରିବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଯୁବତୀ ଜଣଙ୍କ ପାଟି କରିବାରୁ କାର୍ତ୍ତିକ ଫେରାର୍ ହୋଇଯାଇଥିଲେ। ଏ ନେଇ ଯୁବତୀ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୭୦/୧୯) ରୁଜୁକରି କାର୍ତ୍ତିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

### ସାପ କାମୁଡ଼ାରେ ଛାତ୍ରୀଙ୍କ ମୃତ୍ୟୁ

**ଧର୍ମଶାଳା,୨୦।୬(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ କୋଟପୁର ଗ୍ରାମ ପଞ୍ଚାୟତ ଅଧୀନ ମୁରତପୁର ଗ୍ରାମରେ ସାପ କାମୁଡାରେ ଗୁରୁବାର ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଛାତ୍ରୀ ଜଣଙ୍କ ମୁରତପୁର ଗ୍ରାମର ଶରତ ଦଳେଇଙ୍କ ଝିଅ ସୋନାଲି (୧୪)। ଧର୍ମଶାଳା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ବୁଧବାର ରାତିରେ ଘରେ ଶୋଇଥିବା ସମୟରେ ବିଷାକ୍ତ ସାପ ସୋନାଲିଙ୍କୁ କାମୁଡି ଥିଲା। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋନାଲି ଜାଗୁଲାଇ ହାଇସ୍କୁଲର ଅଷ୍ଟମ ଶ୍ରେଣୀରେ ପାଠପଢୁଥିଲେ।

### ସ୍ମୃତିଚାରଣ ସଭା

**ବରୀ,୨୦।୬(ସ୍ୱ.ପ୍ର.):** ବରୀ ବ୍ଲକ ଅଧୀନ ଗମ୍ଭୁ ଗ୍ରାମର ଅବସରପ୍ରାପ୍ତ ବିଦ୍ୟାଳୟ ନିରୀକ୍ଷକ ଗୋଲକ ଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଶୁକ୍ରବାର କୃଷ୍ଣନଗରଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ମହାନ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଶିକ୍ଷାବିତ୍ ଭାଗବତ ଚରଣ ଶୁକ୍ଳ ସଭାପତିତ୍ୱ କରିଥିଲେ। ବରୀ ବିଧାୟିକା ସୁନନ୍ଦା ଦାସ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଅଦ୍ୱୈତ ବଲ୍ଲଭ ଜେନା, ବରୀ ବ୍ଲକ ପୂର୍ବତନ ଅଧ୍ୟକ୍ଷ ନୀଳମଣି ସାମଲ, ଜିଲା ପରିଷଦ ସଦସ୍ୟ ଅଶୋକ ସାମଲ, ପୂର୍ବତନ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ମଜୁମଦାର, ଶିକ୍ଷକ ନେତା ପ୍ରଣବ କୁମାର ଜେନା, ସରପଞ୍ଚ ନୃସିଂହ ଚରଣ ସ୍ୱାଇଁ, କୁଳମଣି ଶୁକ୍ର, ବନ ବିହାରୀ ମହାନ୍ତି, ଅଧ୍ୟାପକ ଅକ୍ଷୟ କୁମାର ରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ଉଦ୍ଦେଶ୍ୟରେ ସ୍ମୃତିଅର୍ଘ୍ୟ ନାମକ ଏକ ପତ୍ରିକାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ।

## ■ଯୋକଡ଼ିଆ-ମୁଣ୍ଡମାଳ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ

# ୧୦ ବର୍ଷ ପରେ ହେବାକୁ ଯାଉଛି ଜଳଯୋଗାଣ

**ଯାଜପୁର ଅଫିସ,୨୦।୬**

ଯାଜପୁର ଜିଲାର ଦୁଇ ପ୍ରମୁଖ ସହର ଯାଜପୁର ଓ ବ୍ୟାସନଗରରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟା ଚଳିତ ଗ୍ରୀଷ୍ମମାସ ପୂର୍ବରୁ ଦୂରୀଭୂତ ହେବ ବୋଲି ସହରବାସୀ ଆଶା ରଖିଥିଲେ। ହେଲେ ତାହା ଏବେ ଫସର ଫାଟିଛି। ଖରା ମାସ ଯାଇ ବର୍ଷା ଆସିଯାଇଥିଲେ ହେଁ ବିଭାଗୀୟ ଅଧିକାରୀ ଓ ରାଜନୈତିକ ନେତୃବୃନ୍ଦଙ୍କ ଆନ୍ତରିକତାର ଅଭାବ ଯୋଗୁ ପ୍ରକଳ୍ପ ଖରା ମାସରେ କାର୍ଯ୍ୟକାରୀ ହୋଇପାରି ନାହିଁ। ତେବେ ଇତିମଧ୍ୟରେ ବାକି ଥିବା କେତେକ ଆବଶ୍ୟକ କାର୍ଯ୍ୟ ଶେଷ କରାଯିବା ସହ ପରୀକ୍ଷାମୂଳକ ଭାବେ ଟାଙ୍କିରେ ପାଣି ଭର୍ତ୍ତି କରାଯାଇଛି । ଖୁବ୍‌ଶୀଘ୍ର ପର୍ଯ୍ୟାୟକ୍ରମେ ଜଳଯୋଗାଣ ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ବ୍ୟାସନଗର ପୌରାଞ୍ଚଳରେ ଅର୍ବାନ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫର ସ୍ମଲ ଆଣ୍ଡ ମିଡିୟମ ଟାଉନ(ୟୁଆଇଡିଏସଏମଟି) ଯୋଜନା ୧୦ ବର୍ଷ ପରେ ଏବେ କାର୍ଯ୍ୟକାରୀ ହେବା ସୂଚନା ମିଳିବା ପରେ ସହରବାସୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି ।

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ସହରର ଲୋକସଂଖ୍ୟା ଦେଢ ଲକ୍ଷ ଟପିଲାଣି। ତେବେ ଏଠାରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ୨୦୦୯-୧୦ ଆର୍ଥିକ ବର୍ଷରେ ୧୪କୋଟି ୫୧ ଲକ୍ଷ ୩୨ ହଜାର ଟଙ୍କା ୟୁଆଇଡିଏସଏମଟି ଯୋଜନାରେ ମଞ୍ଜୁର ହୋଇଥିଲା। ସେହିବର୍ଷ ୫କୋଟି ୭୧ ଲକ୍ଷ ୯୫ ହଜାର ଟଙ୍କା ଏବଂ ୨୦୧୩-୧୪ ଆର୍ଥିକ ବର୍ଷରେ ମଧ୍ୟ ୫ କୋଟି ୭୧ ଲକ୍ଷ ୯୫ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ଏହାବାଦ ରାଜ୍ୟ ସରକାର ୨ କୋଟି ୮୫ ଲକ୍ଷ ୯୮ ହଜାର ଟଙ୍କା ମଞ୍ଜୁର କରିଥିବାବେଳେ ସମୁଦାୟ ୧୪ କୋଟି ୨୯ ଲକ୍ଷ ୮୭ ହଜାର ଟଙ୍କା ଆବଣ୍ଟିତ ହୋଇଥିଲା। ଏହି ଅନୁଦାନ ମଧ୍ୟରୁ ୨୦୦୯-୧୦ ଆର୍ଥିକ ବର୍ଷରେ ୫କୋଟି ୩୪ ଲକ୍ଷ ୫୩ ହଜାର ଟଙ୍କା, ୨୦୧୦-୧୧ ବର୍ଷରେ ୪୧.୯୦ ଲକ୍ଷ ଟଙ୍କା, ୨୦୧୧-୧୨ ବର୍ଷରେ ୭୬.୧୩ ଲକ୍ଷ ଟଙ୍କା, ୨୦୧୩-୧୪ ବର୍ଷରେ ୯୧.୦୩ ଲକ୍ଷ ଓ ୮୦.୫୮ ଲକ୍ଷ ଟଙ୍କା, ୨୦୧୪-୧୫ ବର୍ଷରେ ୨୩.୮୫ ଲକ୍ଷ ଟଙ୍କା, ୨୦୧୫-୧୬ ବର୍ଷରେ ୧୬୦.୯୬ ଲକ୍ଷ ଟଙ୍କା, ୨୦୧୬-୧୭ ବର୍ଷରେ ୧୬୩.୮୮ ଲକ୍ଷ ଟଙ୍କା, ୨୦୧୭-୧୮ ବର୍ଷରେ ୯୬.୪୬ ଲକ୍ଷ ଟଙ୍କା ଏଭଳି ମୋଟ ୧୨କୋଟି ୬୭ ଲକ୍ଷ ୩୨ ହଜାର ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଏଥିରେ ଖରସ୍ରୋତା ନଦୀରେ ଇନ୍‌ଟେକ ୱେଲ, ପମ୍ପହାଉସ ଓ ଷ୍ଟାଫ ହାଉସ, ୨୩,୭୨୦ ମିଟର ପାଇପଲାଇନ ବିଛା ଆଦି କାର୍ଯ୍ୟ ସମ୍ପନ୍ନ ହୋଇଛି। ୩୧।୫।୨୦୧୯ ତାରିଖ ସୁଦ୍ଧା ଏହି ପ୍ରକଳ୍ପ ପାଇଁ ୧ କୋଟି ୬୨ ଲକ୍ଷ ୫୫ ହଜାର ୫୦୫ ଟଙ୍କା ବାକି ରହିଛି । ଏହି ପ୍ରକଳ୍ପ ନିର୍ବାଚନ ପୂର୍ବରୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ ମଧ୍ୟ ହୋଇ ସାରିଛି । ହେଲେ ଏଯାଏ ତାହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ନ ହେବା ସହରବାସୀଙ୍କୁ ବ୍ୟଥିତ କରିଛି। ଫଳରେ ସହରର ପ୍ରାୟ ୧୦ଟି ୱାର୍ଡବାସୀ ପାଣି ପାଇଁ ଡହଳବିକଳ ହେଉଛନ୍ତି । ଏ ସଂକ୍ରାନ୍ତରେ ଯାଜପୁର ଜନସ୍ୱାସ୍ଥ୍ୟ ବିଭାଗର ଏସ୍‌ଡିଓ କ୍ଷେତ୍ରମୋହନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଖରସ୍ରୋତା-ମୁଣ୍ଡମାଳା ପ୍ରକଳ୍ପ ପର୍ଯ୍ୟାୟକ୍ରମେ ଆରମ୍ଭ ହୋଇଛି । ଟ୍ରିଟମେଣ୍ଟ ପ୍ଲାଣ୍ଟରୁ ପାଣି ଆଣି ଟାଙ୍କିରେ ଭର୍ତ୍ତି କରାଯାଇଛି । ପର୍ଯ୍ୟାୟକ୍ରମେ ବିଭିନ୍ନ ୱାର୍ଡକୁ ଦିନେ ଦୁଇଦିନ ମଧ୍ୟରେ ଜଳଯୋଗାଣ ଆରମ୍ଭ ହେବ ବୋଲି ସେ କହିଛନ୍ତି।



■ପର୍ଯ୍ୟାୟକ୍ରମେ ଆରମ୍ଭ ହୋଇଛି ପରୀକ୍ଷା
■ଉପକୃତ ହେବେ ବ୍ୟାସନଗର ଓ ଯାଜପୁର ସହରବାସୀ

### ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା



**ଚଣ୍ଡିଖୋଲ,୨୦।୬(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ଚଣା ପଞ୍ଚାୟତ ଦଳେଇ ସାହିରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ଭିକାରୀ ଦଳେଇ ଓ ଟିକିନା ଦଳେଇଙ୍କ ୨ ବଖରା ଚାଳଘର ଜଳିଯାଇଛି। ଏଥିସହ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଗ୍ୟାସ ଭର୍ତ୍ତି ଟାଙ୍କି ଲିକ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ପରିବାର ଲୋକେ କହିଛନ୍ତି। ଖବରପାଇ ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କୌଣସି ଜିନିଷପତ୍ର ଉଦ୍ଧାର କରାଯାଇପାରିନାହିଁ। ଉଭୟଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରତିଶ୍ରୁତି ପାଳନ ଦାବିରେ ବିସ୍ଥାପିତଙ୍କ ଧାରଣା

**କାଳିଆପାଣି,୨୦।୬(ଡି.ଏନ୍.ଏ.)**

ଓଡ଼ିଶା ଖଣି ନିଗମ ପକ୍ଷରୁ ବିସ୍ଥାପିତ ପୁରୁଣାପାଣି ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। କାରଖାନା ପକ୍ଷରୁ ବିସ୍ଥାପିତଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରିବାରେ କର୍ତ୍ତୃପକ୍ଷ ଟାଳଟୁଳନୀତି ଅବଲମ୍ବନ କରୁଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ଗ୍ରାମର ଶତାଧିକ ମହିଳା ଖଣି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କାଳିଆପାଣି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଧାରଣା ପ୍ରତ୍ୟାହାର କରିବାକୁ କହିଥିଲେ। ହେଲେ ଆନ୍ଦୋଳନକାରୀ ଜିଦ୍‌ରେ ଅଟଳ ରହିଥିଲେ। ନିଗମର ପ୍ରଶାସନିକ ଅଧିକାରୀ ଲକ୍ଷ୍ମଣ ହାଁସଦା, ମ୍ୟାନେଜର କାଠି ପ୍ରଧାନ ଓ ନିଗମାନନ୍ଦ ସେଠୀ ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ନିଗମ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ମଧ୍ୟରୁ କେତେକ କାର୍ଯ୍ୟକାରୀ ହୋଇଛି। ଅନ୍ୟଗୁଡିକ ଚାଲୁ ରହିଥିବାବେଳେ କିଛି କାମ ପାଇଁ ଟେଣ୍ଡର କରାଯାଇଛି। ଏଥିସହ ଯଥାଶୀଘ୍ର କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ପାଳନ କରିବ ଅଧିକାରୀମାନେ କହିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ରାମଚନ୍ଦ୍ର ହାଁସଦା, ଆଶିଷ ଜେନାଙ୍କ ସମେତ ଗ୍ରାମର ଶତାଧିକ ମହିଳା ଆଲୋଚନାରେ ସାମିଲ ହୋଇଥିଲେ ।

ପ୍ରକାଶ ଯେ, ଓଡ଼ିଶା ଖଣି ନିଗମ କାଳିଆପାଣି ପକ୍ଷରୁ କାଳିଆପାଣି ପଞ୍ଚାୟତ ଅଧୀନ ପୁରୁଣାପାଣି ଗ୍ରାମର ୯୮ ପରିବାରକୁ ବିସ୍ଥାପିତ କରିବା ପରେ ସେଠାରେ କମ୍ପାନୀ ପକ୍ଷରୁ କ୍ରୋମାଇଟ ଉତ୍ତୋଳନ କରାଯାଇଥିଲା। ଏ ନେଇ ପ୍ରତି ବିସ୍ଥାପିତ ପରିବାରକୁ ଘର ନିର୍ମାଣ ପାଇଁ ଦେଢ ଗୁଣ୍ଠ ଜମି ପଟ୍ଟା ପ୍ରଦାନ କରାଯିବା ସହ ଅର୍ଥରାଶି ମଧ୍ୟ ପ୍ରଦାନ କରାଯାଇଥିଲା। ବିସ୍ଥାପିତଙ୍କ ସାମଗ୍ରିକ ବିକାଶ ଦିଗରେ ଶିକ୍ଷା ପାଇଁ ସ୍କୁଲ, ପାନୀୟ ଜଳ, ବିଦ୍ୟୁତ୍‌କରଣ, ରାସ୍ତା ନିର୍ମାଣ କରିବା ସହ ସ୍ୱାସ୍ଥ୍ୟସେବା ପାଇଁ ଭ୍ରାମ୍ୟମାଣ ଡାକ୍ତରଖାନା ପରି ସୁବିଧା ଯୋଗାଇବାକୁ ମଧ୍ୟ କମ୍ପାନୀ ପକ୍ଷରୁ ପ୍ରତଶ୍ରୁତି ଦିଆଯାଇଥିଲା। ଓଡ଼ିଶା ଖଣି ନିଗମ ଏମ୍‌ଡି ଶାଶ୍ୱତ ମିଶ୍ରଙ୍କଠାରୁ ଘୋଷଣା ମୁତାବକ ଅର୍ଥରାଶି ଓ ଜମି ପଟ୍ଟାର ଅବିକଳ ନକଲ ଗ୍ରାମବାସୀ ଗ୍ରହଣ କରିଥିଲେ। ତେବେ ପ୍ରଦାନ କରାଯାଇଥିବା ଜମି ପଟ୍ଟା କାଙ୍କଡ଼ପାଳ ପଞ୍ଚାୟତର ସଂରକ୍ଷିତ କାଜୁ ଜଙ୍ଗଲରେ ରହିଥିଲା। ତେଣୁ ବହୁ ପୁରାତନ କାଜୁ ଜଙ୍ଗଲକୁ କାଟିବା ସମୟରେ ବିସ୍ଥାପିତମାନେ ନିକଟସ୍ଥ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ପରେ ବହୁ ବାଦ ବିବାଦ ପରେ ବିସ୍ଥାପିତମାନେ ଗୃହ ନିର୍ମାଣ କରିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ରାସ୍ତା, ପାନୀୟଜଳ, ପାଠ ପଢିବାକୁ ସ୍କୁଲ, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା ପାଇ ପାରିନାହାନ୍ତି। ଏ ନେଇ ଗ୍ରାମବାସୀ ବହୁ ବାର ଓଡ଼ିଶା ଖଣି ନିଗମ ଅଧିକାରୀଙ୍କୁ ଭେଟି ସମାଧାନ କରିବାକୁ ଦାବି କରିଥିଲେ। ସେହିପରି ସ୍ଥାନୀୟ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ଭେଟି ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ପାରି ନାହିଁ। ତେଣୁ ବାଧ ହୋଇ ବିସ୍ଥାପିତ ଗ୍ରାମର ଶତାଧିକ ମହିଳାମାନେ ଖଣି ନିଗମ କାଳିଆପାଣି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ ବୋଲି କହିଛନ୍ତି।



ଖଣି ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ବିସ୍ଥାପିତ।

**ଓଡ଼ିଶା ଖଣି ନିଗମ କାର୍ଯ୍ୟାଳୟ**

## ■ଆଜି ଖୋଲିବ ବିଦ୍ୟାଳୟ

# ବିପଦପୂର୍ଣ୍ଣ ଶ୍ରେଣୀଗୃହରେ ପଢ଼ିବେ ଛାତ୍ରୀଛାତ୍ର

**ବରୀ,୨୦।୬(ସ୍ୱ.ପ୍ର.)**

ଗ୍ରୀଷ୍ମ ଛୁଟି ପରେ ଶୁକ୍ରବାର ରାଜ୍ୟର ସମସ୍ତ ବିଦ୍ୟାଳୟ ଖୋଲିବା ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ହେଲେ ବାତ୍ୟା 'ଫନୀ'ରେ ଭାଙ୍ଗିଯାଇଥିବା ବିଦ୍ୟାଳୟ ଗୃହ ଏଯାବତ୍ ମରାମତି ହୋଇ ନ ଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି।

ଏହି ବ୍ଲକରେ ୨୦୫ ବିଦ୍ୟାଳୟ ରହିଥିବାବେଳେ ୨୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବାତ୍ୟାରେ ସେଥିରୁ ୧୦୦ଟି ବିଦ୍ୟାଳୟ ଗୃହ ଭାଙ୍ଗି ଯାଇଛି। ସରକାରୀ ବିଦ୍ୟାଳୟଗୁଡ଼ିକ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଶ୍ରେଣୀଗୃହ ମରାମତି ହୋଇ ନ ଥିବାରୁ ବିଦ୍ୟାଳୟଗୁଡ଼ିକ ଅବ୍ୟବସ୍ଥାରେ ରହିଛି। ଶିକ୍ଷା ବିଭାଗ ପକ୍ଷରୁ ଭାଙ୍ଗିଯାଇଥିବା ବିଦ୍ୟାଳୟର କ୍ଷୟକ୍ଷତି ଆକଳନ ୧ କୋଟି ୯୧ ଲକ୍ଷ ୯୩ ହଜାର ଟଙ୍କା ହୋଇଥିବା ଜଣାପଡ଼ିଛି। ଅପରପକ୍ଷରେ ଅଦ୍ୟାବଧି ବିଦ୍ୟାଳୟରେ ପାଠ୍ୟ ପୁସ୍ତକ ପହଞ୍ଚି ନ ଥିବାରୁ ଅଭିଭାବକ ମହଲରେ କ୍ଷୋଭ ପ୍ରକାଶ ପାଇଛି। ମଧ୍ୟାହ୍ନଭୋଜନ ପାଇଁ ଅଧିକାଂଶ ବିଦ୍ୟାଳୟରେ ଚାଉଳ ପହଞ୍ଚିପାରିନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବରୀ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କୁ ପଚାରିବାରୁ, ଗଣଶିକ୍ଷା ବିଭାଗ ପକ୍ଷରୁ ଆସନ୍ତା ୨୬ ତାରିଖରେ ବିଦ୍ୟାଳୟ ଖୋଲିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପାଣିପାଗ ପରିବର୍ତ୍ତନ ଯୋଗୁ ୨୧ ତାରିଖ ଅର୍ଥାତ ଶୁକ୍ରବାର ବିଦ୍ୟାଳୟ ଖୋଲିବ ବୋଲି ଆଉ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଳ୍ପ କିଛି ପାଠ୍ୟପୁସ୍ତକ ଆସିଛି। ଭାଙ୍ଗିଯାଇଥିବା ଗୃହଗୁଡ଼ିକର ମରାମତି କରାଯାଇନାହିଁ ବୋଲି ବେହେରା କହିଛନ୍ତି।

**ବରୀ ବ୍ଲକ**

■୨୦୫ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ୨୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

■ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା ୧୦୦ ବିଦ୍ୟାଳୟ



# ଚୋରି ଅଭିଯୋଗରେ ଜଣେ କୋର୍ଟଚାଲାଣ

**ଯାଜପୁରରୋଡ,୨୦।୬(ନି.ପ୍ର.)**

ଚୋରି ଅଭିଯୋଗରେ ଯାଜପୁର ପୋଲିସ ବୁଧବାର ବିଳମ୍ବିତ ରାତିରେ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଯାଜପୁର ଥାନା ଅନ୍ତର୍ଗତ ତଳିଆ ଅଞ୍ଚଳର ଦେବେନ୍ଦ୍ର ପରିଡ଼ା। ପୋଲିସ ତାଙ୍କଠାରୁ କଟର ମେଶିନ, ଚାବି ନେଥା ଓ ଅନ୍ୟାନ୍ୟ ଚୋରି ଉପକରଣ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୮/୧୯) ରୁଜୁ କରିଛି। ପ୍ରକାଶ ଯେ, ବୁଧବାର ରାତିରେ ପୋଲିସ ଏକ କାର୍‌କୁ ସନ୍ଦେହ କରି ପିଛା କରିଥିଲା। ମୁଣ୍ଡମାଳଠାରେ କାର୍‌କୁ ଅଟକାଇଥିଲାବେଳେ ସେଥିରେ ଥିବା ୨ ଜଣଙ୍କୁ ଜଣେ ଫେରାର ହୋଇଯାଇଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ମକ୍‌ଡ୍ରିଲ୍ ପ୍ରହସନ

**ଚଣ୍ଡିଖୋଲ,୨୦।୬(ଡି.ଏନ୍.ଏ.)**

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଯଥା ବାତ୍ୟା ସମୟରେ ଲୋକଙ୍କୁ ଉଦ୍ଧାର କରିବା ପାଇଁ ବୁଧବାର ବଡ଼ଚଣା ବ୍ଲକ ପ୍ରଶାସନ ତରଫରୁ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା କୁହାଯାଉଥିବାବେଳେ ପ୍ରକୃତ ପକ୍ଷେ ଏ ନେଇ ସଚେତନ କରାଯାଇ ନ ଥିବା ଜଣାପଡ଼ିଛି। ଏହି ବ୍ଲକ ଅନ୍ତର୍ଗତ ଅରଖପୁର, ଅଚ୍ୟୁତ ବସନ୍ତ, ମହିପୁର ଓ କୃଷ୍ଣପୁର ଶାସନରେ ମକଡ୍ରିଲ କାର୍ଯ୍ୟକ୍ରମ ହୋଇଥିଲା। ଏହି ମକଡ୍ରିଲ କାର୍ଯ୍ୟକ୍ରମ ପ୍ରହସନ ପାଲଟିଛି। ସରକାରୀ ନିୟମ ଅନୁଯାୟୀ, ଯେଉଁ ସ୍ଥାନରେ ମକଡ୍ରିଲ ହେବ, ସ୍ଥାନୀୟ ଲୋକ, ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯିବା କଥା। ହେଲେ ବ୍ଲକ ପ୍ରଶାସନ ତରଫରୁ କେବଳ ସରକାରୀ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା। ଅରଖପୁର ପଞ୍ଚାୟତର ବାଇଶିମୌଜାସ୍ଥିତ ଧନଞ୍ଜୟ ବିଦ୍ୟାପୀଠ ପରିସରରେ ମକଡ୍ରିଲ ସଚେତନତା କାର୍ଯ୍ୟକ୍ରମ ଚାଲିଥିବାବେଳେ କେହି ସ୍ଥାନୀୟ ଲୋକେ ନ ଆସିବାରୁ କେବଳ ପଞ୍ଚାୟତର ଅଙ୍ଗନୱାଡି କର୍ମୀଙ୍କୁ ନେଇ ସଭା କରିଥିଲେ। ଏହି ସଭାରେ ବାତ୍ୟା ଓ ବନ୍ୟା ଭଳି ବିପର୍ଯ୍ୟୟ ସମୟରେ ଜନସାଧାରଣ କିପରି ସୁରକ୍ଷିତ ରହିବେ, ସେ ନେଇ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ଥିଲାବେଳେ କେବଳ ଭାଷଣ ବାଜିରେ ଏହାକୁ ସୀମିତ ରଖାଯାଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବ୍ଲକ ପ୍ରଶାସନ ବିରୋଧରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ୍ ନାରାୟଣ ପ୍ରସାଦ ଗିରିଙ୍କୁ ପଚାରିବାରୁ, ପ୍ରତ୍ୟେକ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଏହି ଆଶ୍ରୟ ସ୍ଥଳୀ ପାଇଁ କମିଟି ଗଢାଯାଇଛି। କମିଟିରେ ରହିଥିବା ସଦସ୍ୟଙ୍କୁ କୁହାଯାଇଥିଲା ଏବଂ ସେମାନେ ଆସିଥିଲେ ବୋଲି କହିଥିଲେ।

## ■ଜାତୀୟ ରାଜପଥରେ ବଢୁଛି ଦୁର୍ଘଟଣା

# ଦୁଇମାସରେ ଗଲାଣି ୪୦ ଜୀବନ

**ପ୍ରଦୀପ୍ତ କୁମାର ପୃଷ୍ଟି**
**ଚଣ୍ଡିଖୋଲ,୨୦।୬(ଡିଏନ୍ଏ)**

ପ୍ରତ୍ୟେକ ବର୍ଷ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ନାମରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ମାତ୍ର ଏହାର ସୁଫଳ ସାଧାରଣ ଲୋକଙ୍କ ଉପରେ ପଡୁ ନ ଥିବା ଦେଖାଯାଇଛି। ଏହିପରି କି ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇ ସଚେତନ କରୁଥିଲେ ମଧ୍ୟ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଯେଉଁଥିରେ ଅନେକ ଅମୂଲ୍ୟ ଜୀବନ ଶେଷ ହୋଇଯାଉଛି। ଯାହାକି ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଧୀନରେ ଥିବା ୧୬ନଂ ଜାତୀୟ ରାଜପଥ ଓ ୫୩ନଂ ଜାତୀୟ ରାଜପଥରେ ଗତ ଏପ୍ରିଲ ଓ ମେରେ ଦୁର୍ଘଟଣାରେ ୪୦ ଜଣଙ୍କ ପ୍ରାଣହାନୀ ଘଟିଥିବା ସରକାରୀ ରିପୋର୍ଟରେ ଦର୍ଶାଯାଇଛି। ସେଥିପାଇଁ ଜିଲାଠାରୁ ଆରମ୍ଭ କରି ରାଜ୍ୟ ପରିବହନ ଅଧିକାରୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସୂଚନା ଥାଉକି, ସୁପ୍ରିମକୋର୍ଟଙ୍କ ଏକ ଖଣ୍ଡପୀଠ ଜାତୀୟ ରାଜପଥରେ ଦୁର୍ଘଟଣା ଘଟି ହଜାର ହଜାର ସଂଖ୍ୟାରେ ଲୋକଙ୍କର ମୃତ୍ୟୁ ଘଟୁଥିବା କାରଣରୁ ଚିନ୍ତା ପ୍ରକଟ କରି ସମସ୍ତ ରାଜ୍ୟର ପରିବହନ କମିଶନରଙ୍କୁ କିଭଳି ଦୁର୍ଘଟଣା ରୋକାଯାଇପାରିବ ସେଥିନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ପରିବହନ କମିଶନର ପତ୍ର ସଂଖ୍ୟା ୪୪୨୭ରେ ଏପ୍ରିଲ ୪ରେ ସମସ୍ତ ଜିଲାପାଳଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଜିଲାପାଳ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ପରିବହନ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ଟ୍ରାଫିକ୍ ଏବଂ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ଚିଠି ଲେଖି ଦୁର୍ଘଟଣାର କାରଣ ଖୋଜିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦେଇଛନ୍ତି। ଜାତୀୟ ରାଜପଥଗୁଡିକରେ ହେଉଥିବା ଦୁର୍ଘଟଣାର କାରଣ ଏବଂ ଦୁର୍ଘଟଣା ରୋକିବା ପାଇଁ ଆବଶ୍ୟକ ପରାମର୍ଶ ସହ ବିଭିନ୍ନ ସ୍ଥାନରେ ତନଖି କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହା ସହ ଜାତୀୟ ରାଜପଥରେ ଆମ୍ବୁଲାନ୍ସ, କ୍ରେନ୍ ଓ ଦୁର୍ଘଟଣାଜନିତ ଚିକିତ୍ସାଳୟ କିପରି କାର୍ଯ୍ୟକ୍ଷମ କରାଯିବ ଏବଂ ଦୁର୍ଘଟଣା ସମୟରେ ତତ୍କାଳ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଣ୍ଡିଖୋଲ ଛକ ଦେଇ ୧୬ନଂ ଓ ୫୩ନଂ ଜାତୀୟ ରାଜପଥ ଯାଇଥିବାବେଳେ ଏହି ଜାତୀୟ ରାଜପଥ ଉପରେ ଦୁର୍ଘଟଣା ରୋକିବା ପାଇଁ ଗତ ୨୦୧୧ରୁ ଏଠାରେ ଟ୍ରାଫିକ ଥାନା ନିର୍ମାଣ କରାଯାଇଛି। ୨୦୧୧ରୁ ଏହା ଭଡ଼ା ଘରେ ଚାଲୁଥିଲାବେଳେ ୨୦୧୭ରେ ନିଜସ୍ୱ କାର୍ଯ୍ୟାଳୟ ତିଆରି କରାଯାଇ ଟ୍ରାଫିକ୍ ଥାନା ଚାଲୁଛି। ତେବେ ପରିବହନ ବିଭାଗ, ଟ୍ରାଫିକ୍ ଥାନା ଓ ପୋଲିସ ଥାଇ ମଧ୍ୟ ଦୁର୍ଘଟଣା ବୃଦ୍ଧି ପାଇବା ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଗତ ଜୁନ୍ ୧ରୁ ୧୫ ମଧ୍ୟରେ ଚଣ୍ଡିଖୋଲଠାରୁ ଛତିଆ ମଧ୍ୟରେ ଦୁର୍ଘଟଣା ଘଟି ୭ଟି ଜୀବନ ହାନୀ ଘଟିଛି। ସବୁଠାରୁ ପରିତାପର ବିଷୟ ଯେ, ୨୦୧୮ରେ କେବଳ ଯାଜପୁର ଜିଲା ଦେଇ ଯାଇଥିବା ରାଜପଥଗୁଡ଼ିକରେ ଦୁର୍ଘଟଣା ଘଟି ୨୪୭ ଜଣଙ୍କର ଜୀବନ ଯାଇଥିଲା। ଏହା ବର୍ତ୍ତମାନ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପରିବହନ ବିଭାଗ ତରଫରୁ ହେଲମେଟ ଚେକିଂ, ଡ୍ରାଇଭିଂ ଲାଇସେନ୍ସ, ଇନ୍ସ୍ୟୁରାନ୍ସ, ଗାଡିର ଫିଟ୍‌ନେସ୍ ଆଦି ଜରିମାନା ପାଞ୍ଚରୁ ଦଶଗୁଣା ବୃଦ୍ଧି କରାଯାଇଛି। ଏହା ସତ୍ତ୍ୱେ ଗାଡି ଚାଳକମାନେ ଦ୍ରୁତଗତିରେ ଗାଡ଼ି ଚାଳନା, ମୋବାଇଲ ବ୍ୟବହାର କରିବା ଓ ନିଶାସେବନ କରି ଗାଡି ଚାଳନାରୁ ନିବୃତ୍ତ ହେଉନାହାନ୍ତି। ଯାହାକି ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଲାଲ୍‌ମୋହନ ସେଠଙ୍କୁ ପଚାରିବାରୁ, ବର୍ତ୍ତମାନ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଯାହା ଚିନ୍ତାଜନକ ବିଷୟ ପାଲଟିଛି। ଆସନ୍ତା ୩୦ ତାରିଖ ମଧ୍ୟରେ ଯାଜପୁର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଚଣ୍ଡିଖୋଲଠାରେ ଏକ ଉଚ୍ଚସ୍ତରୀୟ ବୈଠକ ହେବାକୁ ଯାଉଛି। ଏଥିରେ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ, ପୋଲିସ, ଟ୍ରାଫିକ୍, ପରିବହନ ଅଧିକାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ସମୀକ୍ଷା କରାଯିବ ଏବଂ ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

**ସଡ଼କ ସୁରକ୍ଷା ସଚେତନତା ବାଟବଣା**



■୧୬ନଂ ଓ ୫୩ନଂ ଜାତୀୟ ରାଜପଥରେ ଯାଉଛି ଜୀବନ
■୨୦୧୮ରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ ୨୪୭ଜଣ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୧ ଜୁନ୍, ୨୦୧୯



"ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
-ମଦନମୋହନ ମାଳବ୍ୟ

## ସଂକ୍ଷେପରେ

### ଆଇକନ ସିଟିର ନିଚ୍ଛକ ଚିତ୍ର
## ରାସ୍ତା ଗର୍ତ୍ତକୁ ଭରସା କାଠଗଣ୍ଡି



**ପୁରୀ ଅଫିସ,୨୦।୬:** ଆଗକୁ ରଥଯାତ୍ରା। ପୁରୀରେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ପ୍ରସିଦ୍ଧ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ପ୍ରଶାସନିକ ପ୍ରସ୍ତୁତି ଚାଲିଛି। ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ସବୁ ବିଭାଗର ଅଧିକାରୀ ଯୋଗଦେଇ ଠିକଣା ସମୟରେ ସବୁ ସାରିଦେବୁ ବୋଲି ବାହୁସ୍ଫୋଟ ମାରୁଛନ୍ତି। ମାତ୍ର ବାସ୍ତବତା ଯେ ସମ୍ପୂର୍ଣ୍ଣ ଭିନ୍ନ ତାହା ବିଭିନ୍ନ ବିଭାଗର କାର୍ଯ୍ୟକୁ ଦେଖିଲେ ସ୍ପଷ୍ଟ ଜଣାପଡୁଛି। କେନ୍ଦ୍ର ସରକାରଙ୍କ ଆଇକନ ସିଟି ତାଲିକାରେ ରହିଛି ପୁରୀ ସହର। ତେବେ ଏହି ଆଦର୍ଶ ସହରରେ ଯଦି କୌଣସି ସ୍ଥାନରେ ରାସ୍ତା ଦବି ଗର୍ତ୍ତ ହେଉଛି ତେବେ ସେଠାରେ କାଠଗଣ୍ଡି ପକାଯାଇ ଲୋକଙ୍କୁ ସତର୍କ କରାଯାଉଛି। ଭିଆଇପି ରୋଡ-ରମାବଲ୍ଲଭ ରୋଡ ସଂଯୋଗ ସ୍ଥଳର ଏହି ଦୃଶ୍ୟ ଆଇକନ ସିଟିର ନିଛକ ଚିତ୍ରକୁ ପ୍ରମାଣିତ କରୁଛି । ୩/୪ ଦିନ ହେବ ଏକ ବଡ଼ କାଠଗଣ୍ଡି ପ୍ରାୟ ୨ ଫୁଟ ଉପରକୁ ରହିଥିଲେ ମଧ ଏଥିପ୍ରତି ଆର୍ ଆଣ୍ଡ୍ ବି କାର୍ଯ୍ୟାଳୟର ନିଘା ନାହିଁ। ପୁରୀ ସହରର ଏକ ପ୍ରମୁଖ ରାସ୍ତା ହେଉଛି ଭିଆଇପି ରୋଡ। ବଡ଼ଦାଣ୍ଡରୁ ସମୁଦ୍ରକୂଳକୁ ପର୍ଯ୍ୟଟକମାନେ ଏହି ରାସ୍ତା ଦେଇ ଯା'ଆସ କରିଥାନ୍ତି। ଭିଆଇପି ରୋଡ୍‌ରୁ ରମାବଲ୍ଲଭ ରୋଡ୍‌ର ସଂଯୋଗ ସ୍ଥଳରେ କିଛିଦିନ ହେବ ରାସ୍ତା ଦବିଯାଇ ପ୍ରାୟ ୩/୪ ଫୁଟର ଏକ ଗର୍ତ୍ତ ସୃଷ୍ଟି ହୋଇଛି ଏହା ବିପଦପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ଅଜାଣତରେ କେହି ଦୁର୍ଘଟଣାର ଶିକାର ହେବା ଆଶଙ୍କାକରି କୌଣସି ବ୍ୟକ୍ତି ଏକ କୃଷ୍ଣଚୂଡ଼ା ଗଛର ଗଣ୍ଡି ଏଥିରେ ପକାଇ ଦେଇଛନ୍ତି। ଏହି ଗଣ୍ଡି ପ୍ରାୟ ୨ଫୁଟ ଉପରକୁ ବାହାରି ରହିଛି। ଲୋକେ ଏଥିପ୍ରତି ସତର୍କ ରହିପାରିବେ।

## ବିଦ୍ୟାଳୟ ଛୁଟି, ଖୋଲିବା ନିଷ୍ପତ୍ତିକୁ ସମାଲୋଚନା

**କୃଷ୍ଣପ୍ରସାଦ,୨୦।୬(ଡି.ଏନ୍.ଏ.):** ସମ୍ପ୍ରତି ବିଦ୍ୟାଳୟଗୁଡ଼ିକର ଛୁଟି ଓ ଖୋଲିବା ନେଇ ଶିକ୍ଷା ବିଭାଗର ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ଏ କ୍ଷେତ୍ରରେ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ତରବରିଆ ନୀତିକୁ କେତେଜଣ ନିନ୍ଦା ମଧ କରିଛନ୍ତି। ବିଦ୍ୟାଳୟର ଖରାଛୁଟି ଜୁନ୍ ୧୮ ତାରିଖ ପର୍ଯ୍ୟନ୍ତ ରହିଥିଲା । ୧୯ରେ ସ୍କୁଲ୍ ଖୋଲିବା ନେଇ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ନିଜ ନିଜ ସ୍ଥାନରେ ପହଞ୍ଚିଥିଲେ। ତେବେ ଅଧିକ ଖରା ଯୋଗୁ ୨ ଦିନ ପୂର୍ବରୁ ନ ଜଣାଇ ପୁଣି ୨୫ ତାରିଖ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ଛୁଟି ଘୋଷଣା କରାଯାଇଥିଲା । ପୁଣି ୨୦ତାରିଖରେ ବିଭାଗ ପକ୍ଷରୁ ଘୋଷଣା କରାଗଲା ଯେ ୨୧ ତାରିଖରେ ବିଦ୍ୟାଳୟ ଖୋଲାଯିବ। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ଯୋଗୁ ଶିକ୍ଷୟିତ୍ରୀ/ ଶିକ୍ଷକ, ଛାତ୍ରଛାତ୍ରୀ ହଇରାଣ ହେଉଥିବା ବିଭିନ୍ନ ମହଲରେ ଅଭିଯୋଗ ହୋଇଛି।

### ଧରିତ୍ରୀ ପ୍ରଭାବ
## ୨୧୧ କଳାକାର ପାଇଲେ ବକେୟା ଭତ୍ତା

**କୃଷ୍ଣପ୍ରସାଦ,୨୦।୬(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ରାଜ୍ୟ ସରକାରଙ୍କଠାରୁ ୨୧୧ଜଣ କଳାକାର ପ୍ରତିମାସରେ ୧୨୦୦ ଟଙ୍କା ଲେଖାଏ ଭତ୍ତା ପାଉଥିଲେ। ତେବେ ଚଳିତ ଜାନୁଆରୀରୁ କୌଣସି କାରଣରୁ ସେମାନଙ୍କ କଳାକାର ଭତ୍ତା ବନ୍ଦ ହୋଇଯାଇଥିଲା। ଏହି କଳାକାରମାନଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ଗତ ୧୨ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ଏବେ ସରକାର ଏହି କଳାକାରମାନଙ୍କୁ ଗତ ୨ମାସର ଭତ୍ତା ପ୍ରଦାନ କରିଛନ୍ତି। ଅବଶିଷ୍ଟ ବକେୟା ଭତ୍ତା ଖୁବ୍‌ଶୀଘ୍ର ପ୍ରଦାନ କରାଯିବ ବୋଲି ବିଡିଓ ଜିତେନ୍ଦ୍ର ନାୟକ କହିଛନ୍ତି । ଏହି କଳାକାରମାନେ ହେଲେ ସାନଅଁଳର ରାମଚନ୍ଦ୍ର ସିଂ, କୁରୁପାଳର ପ୍ରଫୁଲ୍ଲ କୁମାର ଜେନା, ମୂଳିରାମ ଜେନା ଓ ଭାବଗ୍ରାହୀ ଜେନା, ସିପିଆର ଭଗବାନ ବରାଳ, ପର୍ଶୁରାମ ପ୍ରଧାନ, ତ୍ରିନାଥ ପଲେଇ, ଗଙ୍ଗାଧର ପଲେଇ, ପଞ୍ଚାନନ ପଲେଇ ଓ ଜଗନ୍ନାଥ ପଲେଇ ପ୍ରମୁଖ। ଏଥିସହିତ ତିତିପର କେଳୁ ଜେନା ଓ ବଡ଼ଝାଡ଼ର ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ୨୧୧ ଜଣ ଭତ୍ତା ପାଉଛନ୍ତି।

# ଦୁର୍ବୃତ୍ତ କାଟିଦେଲେ ଜଳ ଯୋଗାଣ ପାଇପ୍

**ଖଣ୍ଡପଡା,୨୦।୬(ସ୍ୱ.ପ୍ର)**

ଗ୍ରାମାଞ୍ଚଳରେ ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାର ନଳକୂପ ଖନନ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ଅଧିକାଂଶ ସ୍ଥାନରେ ଏହାର ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ମର୍ଦ୍ଦରାଜପୁର ପଞ୍ଚାୟତରେ ପ୍ରତିଷ୍ଠା ହୋଇଥିବା ପାନୀୟ ଜଳ ପ୍ରକଳ୍ପ ଏହାର ଏକ ଉଦାହରଣ। ଏହା ଗ୍ରାମବାସୀଙ୍କ ଚାହିଦା ମେଣ୍ଟାଇବାରେ ସକ୍ଷମ ହେଉ ନ ଥିବା ବେଳେ କେତେକ ଦୁର୍ବୃତ୍ତ ଜଳ ଯୋଗାଣ ପାଇପକୁ କାଟି ଦେଇଛନ୍ତି। ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିକାର ପାଇଁ ଗ୍ରାମବାସୀ ବ୍ଲକ ତଥା ଜିଲା ପ୍ରଶାସନର ସହାୟତା ଲୋଡ଼ିଥିବା ଜଣାଯାଇଛି ।

ପ୍ରକାଶ ଯେ, ଖଣ୍ଡପଡା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ପଞ୍ଚାୟତର ମର୍ଦ୍ଦରାଜପୁର, ହରିଚନ୍ଦନପୁର, ଚାଉପଲ୍ଲୀ, ଗିରିଡିପାଟଣା ଆଦି ଗ୍ରାମବାସୀଙ୍କ ନିମନ୍ତେ ଗ୍ରାମ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା ହୋଇଛି। ଗ୍ରାମରେ ପ୍ରାୟ ୩୫ରୁ ଊର୍ଦ୍ଧ୍ୱ ଷ୍ଟାଣ୍ଡ ପୋଷ୍ଟ ମାଧ୍ୟମରେ ପାଣି ଯୋଗାଇବାର ବ୍ୟବସ୍ଥା କରାଯାଇଥିବାବେଳେ ଅନେକ ପରିବାର ପାଣି ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହେଉଛି । ସାହି ଦାଣ୍ଡରେ ଥିବା ଷ୍ଟାଣ୍ଡ ପୋଷ୍ଟରେ ଆବଶ୍ୟକ ଅନୁଯାୟୀ ପାଣି ଆସୁ ନ ଥିବାରୁ କିଛି ଲୋକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କେହି ଦୁର୍ବୃତ୍ତ ଗତ ୧୫ ତାରିଖରେ ସ୍ଥାନୀୟ ରଥିଆନାଳ ନିକଟରେ ଥିବା ଜଳ ଯୋଗାଣ ପ୍ରକଳ୍ପର ପାଇପକୁ କାଟି ଦେଇଛନ୍ତି । ଫଳରେ ପଞ୍ଚାୟତର ୮ ୱାର୍ଡକୁ ସ୍ୱାଭାବିକ ପାଣି ଯାଉଥିବା ବେଳେ ମର୍ଦ୍ଦରାଜପୁର ଗ୍ରାମର ୬ଟି ୱାର୍ଡର ପ୍ରାୟ ୨ ହଜାର ଜନସାଧାରଣ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ସମୟରେ ଲୋକେ ପାଣି ମୁନ୍ଦେ ନ ପାଇ ନାନା ହଇରାଣ ହେଉଛନ୍ତି। ଏହାର ପ୍ରତିକାର ପାଇଁ ଲୋକେ ବ୍ଲକ ଓ ଜିଲା ପ୍ରଶାସନକୁ ଗୁରୁବାର ଲିଖିତ ଭାବେ ଅବଗତ କରିଥିବା ଜଣାପଡିଛି। ଏ ସମ୍ପର୍କରେ ମର୍ଦ୍ଦରାଜପୁର ସରପଞ୍ଚ ବୈକୁଣ୍ଠନାଥ ଗୋଛିଙ୍କ ସହ ଯୋଗାଯୋଗ କରିବାରେ କେହି ଦୁର୍ବୃତ୍ତ ପାଇପକୁ କାଟି ଦେବା ଫଳରେ ଏପରି ଅବସ୍ଥା ହୋଇଛି । ଖଣ୍ଡପଡା ବିଡିଓ ଅନୁପସ୍ଥିତ ଅଛନ୍ତି। ସେ ଆସିଲେ ଏହାର ପ୍ରତିକାର ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଥିଲେ ।



ମର୍ଦ୍ଦରାଜପୁର ଜଳଯୋଗାଣ ପ୍ରକଳ୍ପ।

**ମର୍ଦ୍ଦରାଜପୁର ଗ୍ରାମବାସୀ**
- ପ୍ରଶାସନର ସହାୟତା ଲୋଡିଲେ ଗ୍ରାମବାସୀ

### ■ ଚିନିକଳ ମୋଟର ଇଟାମାଟିରେ ଠାବ ଘଟଣା
# ୨ ଦିନ ପରେ ବି ହୋଇପାରିଲାନି ମାମଲା

**ନୟାଗଡ଼ ଅଫିସ,୨୦।୬**

ନୟାଗଡ଼ ବ୍ଲକ ଇଟାମାଟି ବଜାରର ଏକ ଲେଦ୍ (କବାଡ଼ିଆ ଦୋକାନ)ରୁ ଚିନିକଳରେ ବ୍ୟବହୃତ ଦୁଇଟି ମୋଟର ଠାବ ହେବା ଘଟଣାର ଦୁଇଦିନ ପରେ ବି ପୋଲିସ ମାମଲା ରୁଜୁ କରିନାହିଁ। ଅନ୍ୟପଟେ ସଦର ଥାନାର ଜଣେ ଏସ୍‌ଆଇ ତୁମେ ଥାନାରେ ଅଭିଯୋଗ (ଏତଲା) ଦେବାକୁ କିଏ ବୋଲି ଚିନିକଳ କର୍ମଚାରୀ ସଂଘ ସଭାପତି ଯୋଗେନ୍ଦ୍ର ଖୁଣ୍ଟିଆକୁ ପ୍ରଶ୍ନ କରିଛନ୍ତି। ଏହାକୁ ନେଇ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କିଛିଦିନ ତଳେ ଚିନିକଳ ବିକ୍ରି ହେବା ନେଇ ଗୁଜବ ପ୍ରଚାରିତ ହୋଇଥିଲା। ଏହା ପରେ କୃଷକ, ଶ୍ରମିକ, ନେତାମାନେ ଏକାଠି ହୋଇ ଏହାକୁ ଖୋଲିବା ଲାଗି ବୈଠକ କରିଥିଲେ। ଏପରିକି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏପରି ସମୟରେ ଗତ ୧୮ ତାରିଖ ସନ୍ଧ୍ୟାରେ ଇଟାମାଟି ବଜାରର ଏକ ଲେଦ୍‌ରେ ଯୋଗେନ୍ଦ୍ର ଚିନିକଳର ଦୁଇଟି ମୋଟର ଥିବା ଦେଖିବାକୁ ପାଇଥିଲେ। ମୋଟର ଦୁଇଟିର ନମ୍ବର ୨୮୫୧୧୫-୧୦ ଓ ୨୮୫୧୧୫-୩ ଥିବାରୁ ଉକ୍ତ ଦୁଇଟି ଚିନିକଳର ବୋଲି ସେ ନିଶ୍ଚିତ ହୋଇଥିଲେ। ଏହା ୪୦ ହର୍ସ ପାୱାର ଜୁସ୍ ପମ୍ପ ହୋଇଥିବା ଜାଣି ସେ ଇଟାମାଟି ଥାନାରେ ଅଭିଯୋଗ କରିଥିଲେ। ଚିନିକଳ ନୟାଗଡ଼ ବ୍ଲକ ପାଣିପୋଇଲାଠାରେ ଅବସ୍ଥିତ ଥିବାରୁ ଏହା ସଦର ଥାନା ଅଧୀନରେ ଆସୁଛି, ତେଣୁ ତୁମେ ସେଠାରେ ଅଭିଯୋଗ କର ବୋଲି ଇଟାମାଟି ଥାନା ଅଧିକାରୀ ଯୋଗେନ୍ଦ୍ରଙ୍କୁ କହିଥିଲେ। ଯୋଗେନ୍ଦ୍ର ଉକ୍ତ ରାତିରେ ଆସି ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ରଖିବା ପରିବର୍ତ୍ତେ ଚିନିକଳ ଚୋରି ମାମଲାରେ ତୁମେ ଏତଲା ଦେବାକୁ କିଏ ବୋଲି ଓଲଟା ପ୍ରଶ୍ନ କରିଥିବା ଯୋଗେନ୍ଦ୍ର ଅଭିଯୋଗ କରିଛନ୍ତି। ତାଙ୍କ କହିବା ପ୍ରକାରେ ଚିନିକଳ ସମବାୟ ସଂସ୍ଥାର ହୋଇଥିଲେ ମଧ ସମାନ ଦାୟିତ୍ୱ ଚିନିକଳ କର୍ମଚାରୀଙ୍କର ମଧ ଅଛି। ପୋଲିସ ଜାଣତରେ ବିଭିନ୍ନ ସମୟରେ ଚିନିକଳରୁ ଚୋରି ହେଉଥିଲେ ମଧ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ସେ ପ୍ରକାଶ କରିଛନ୍ତି। ଏ ନେଇ ସଦର ଥାନା ଅଧିକାରୀ ଅନ୍ନପୂର୍ଣ୍ଣା ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଯୋଗେନ୍ଦ୍ର ତାଙ୍କ ଅଭିଯୋଗରେ ଉକ୍ତ କମ୍ପାନୀର ମାଲିକଙ୍କ ଜ୍ଞାତସାରରେ ଏହା ବିକ୍ରି ହେଉଥିବା ଦର୍ଶାଇଛନ୍ତି। ତେଣୁ ଚିନିକଳ ମାଲିକଙ୍କୁ ଡକାଯାଇ ପଚରାଉଚରା କରାଯିବ। ସେହିଭଳି ଉକ୍ତ ଦୁଇଟି ମୋଟର ଲେଦ୍‌ରେ ସଜାଡ଼ିବା ପାଇଁ ଦିଆଯାଇଥିବା ନେଇ ମାଲିକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାର ତଦନ୍ତ କରାଯାଇ ମାମଲା ରୁଜୁ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।


ଲେଦ୍‌ରେ ଥିବା ଦୁଇଟି ମୋଟର୍ସ।

# ତିନିରଥରେ ଯାତ୍ରା କରନ୍ତି ଋଷିବୃନ୍ଦ

**ପୁରୀ ଅଫିସ,୨୦।୬**

ଶ୍ରୀଜଗନ୍ନାଥ ମହାପ୍ରଭୁ ଯୁଗ ଯୁଗ ଧରି ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଲୀଳା କରିଆସୁଛନ୍ତି। ଶ୍ରୀଗୁଣ୍ଡିଚା ଯାତ୍ରା ହେଉଛି ଚତୁର୍ଦ୍ଧାବିଗ୍ରହଙ୍କ ଏକ ଅନନ୍ୟ ଲୀଳା। ପ୍ରତିବର୍ଷ ମହାପ୍ରଭୁ ନିଜର ଜନ୍ମସ୍ଥାନ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରାରେ ଯାଇଥାନ୍ତି। ଏଥିପାଇଁ ନିର୍ମାଣ ହୋଇଥାଏ ୩ଟି ରଥ। ଚଳିତବର୍ଷ ରଥଯାତ୍ରା ପାଇଁ ରଥଖଳାରେ ୩ ରଥ ନିର୍ମାଣ କରାଯାଉଛି। ରଥଯାତ୍ରା ସରିବା ପରେ ରଥଗୁଡ଼ିକୁ ଭାଙ୍ଗି ଦିଆଯାଏ ଏବଂ ପୁନଶ୍ଚ ଆଗାମୀ ବର୍ଷରେ ନୂଆ ରଥ ନିର୍ମାଣ କରାଯାଏ। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ରଥରେ ଭଉଣୀ ଭାଇଙ୍କୁ ସାଙ୍ଗରେ ନେଇ ନ ଥାନ୍ତି, ଅନେକ ଦେବଦେବୀ ଏବଂ ଋଷିଙ୍କୁ ମଧ ନେଇଥାନ୍ତି। ରଥରେ ଏମାନେ ସ୍ୱତନ୍ତ୍ର ସ୍ଥାନରେ ଅବସ୍ଥାନ କରିଥାନ୍ତି। ରଥଗୁଡ଼ିକର ନିର୍ମାଣ ଶୈଳୀ ସ୍ୱତନ୍ତ୍ର। ଚକଠାରୁ ଆରମ୍ଭ କରି ପତାକା ପର୍ଯ୍ୟନ୍ତ ରଥର ୩୪ଟି ଅଂଶ ରହିଥାଏ। ଏଥିମଧ୍ୟରେ ୫ଟି ପଟା ବ୍ୟବହାର ହୋଇଥାଏ। ଏହି ପଟାଗୁଡ଼ିକ ହେଲା ହଂସପଟା, ଗାଇପଟା, କୁମ୍ଭପଟା, ରାହୁପଟା ଓ ଋଷିପଟା। ଏଥିମଧ୍ୟରୁ ଋଷିପଟା ଅନ୍ୟତମ। ରଥ ନିର୍ମାଣ ସମୟରେ ଚିତ୍ରକର ସେବକ ପଟାରେ ଋଷିମାନଙ୍କର ଚିତ୍ର ଆଙ୍କିଥାନ୍ତି।

ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଋଷିପଟାରେ ଅନେକ ଋଷି ଅବସ୍ଥାନ କରିଥାନ୍ତି। ପ୍ରତ୍ୟେକ ରଥର ଉପର ଅଂଶରେ ଋଷିପଟା ରହିଥାଏ। ଶ୍ରୀବଳଭଦ୍ରଙ୍କ ରଥ ତାଳଧ୍ୱଜର ଋଷିପଟାରେ ୮ଜଣ ଋଷି ଅବସ୍ଥାନ କରିଥାନ୍ତି। ସେମାନେ ହେଲେ ଅଙ୍ଗିରା, ପୌଲସ୍ତ୍ୟ, କୁଳହ, ଅଗସ୍ତି, କୃଷ୍ଣ, ମୁଦ୍‌ଗଲ, ଆତ୍ରେୟ ଓ କାଶ୍ୟପ। ସେହିଭଳି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ଋଷିପଟାରେ ଅଷ୍ଟଋଷି ଅବସ୍ଥାନ କରିଥାନ୍ତି। ସେମାନେ ହେଲେ ନାରଦ, ଦେବଳ, ବ୍ୟାସ, ଶୁକଦେବ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର। ମତାନ୍ତରେ ଏହି ଅଷ୍ଟଋଷିଙ୍କ ନାମ ହେଉଛି ଅମ୍ବରୀଶ, ଜୈମିନୀ, ନାରଦ, ଅଙ୍ଗିରା, ପଣ୍ଡୁ, ମାର୍କଣ୍ଡେୟ, ପୌଲସ୍ତ୍ୟ ଓ ଭାର୍ଗବ । ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଋଷିପଟାରେ ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଉଲୁକ ଓ ପ୍ରବର୍ତ୍ତକ ଋଷିମଣ୍ଡଳ ଅବସ୍ଥାନ କରିଥାନ୍ତି। ଏହି ଋଷିମାନେ ରଥରେ ଠାକୁରମାନଙ୍କ ସହ ମହାଆନନ୍ଦରେ ଯାତ୍ରା କରି ନିଜ ଜୀବନକୁ ଧନ୍ୟ ମଣିଥାନ୍ତି। ଋଷିମାନଙ୍କ ଉପରେ ଦାରୁରୂପୀ ଚତୁର୍ଦ୍ଧାବିଗ୍ରହଙ୍କ ଅପାର କରୁଣା ରହିଛି। ଯାହାଫଳରେ ଏହି ପୂଣ୍ୟାତ୍ମା ଋଷିମାନଙ୍କୁ ନିଜର ଅତି ଆମୋଦ ଦାୟକ ଯାତ୍ରାରେ ସେ ସାମିଲ କରିଛନ୍ତି ବୋଲି ଗବେଷକ ଡ. ଦାଶ ମତବ୍ୟକ୍ତ କରିଛନ୍ତି।


ଚିତ୍ରକର ଋଷିଙ୍କର ଚିତ୍ର ଆଙ୍କୁଛନ୍ତି।

# ମନ୍ଦିର ପରିସରରେ ଭଜନ ସନ୍ଧ୍ୟା

**ନୟାଗଡ଼ ଅଫିସ,୨୦।୬**

ନୟାଗଡ଼ ପୁରୁଣା ସହରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ସୋମବାର ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିସରରେ ସ୍ଥାପିତ ହୋଇଥିବା ନନ୍ଦିଘୋଷ ରଥଚକର ୨ୟ ବର୍ଷ ପୂର୍ତ୍ତି ଅବସରରେ ଭଜନ ପରିବେଷଣ କରାଯାଇଥିଲା। ସମାଜସେବୀ ପ୍ରମୋଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଭଜନ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତ, ନବକିଶୋର ମିଶ୍ର, ଭିକାରୀ ମହମ୍ମଦ, ଗୁରୁପ୍ରଭାତ ଦାଶ, ରଜନୀକାନ୍ତ ମହାପାତ୍ର, ରୋଜାଲିନ ବସନ୍ତରା ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଆଶୁତୋଷ ମିଶ୍ର, ଜୟଶ୍ରୀ ଦେବୀ, ଡ. ବିଜୟ କୁମାର ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ।


ଭଜନ ପରିବେଷଣ କରାଯାଉଛି।

# ଗାଡ଼ିରେ ଲିଫ୍ଟ ଦେଇ ଯୁବକଙ୍କଠାରୁ ଲୁଟ୍

**ରଣପୁର,୨୦।୬(ସ୍ୱ.ପ୍ର.)**

ଗାଡିରେ ଲିଫ୍ଟ ଦେଇ ଗୁରୁବାର ଜଣେ ଯୁବକଙ୍କଠାରୁ ୬୫ହଜାର ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏ ନେଇ ସେ ରଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲୁଟ୍‌ର ଶିକାର ଯୁବକ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଯୋଡାପଡା ଗ୍ରାମର ଗୋବିନ୍ଦ ଚରଣ ବେହେରା (୪୧) । ଏ ନେଇ ରଣପୁର ଥାନାରେ ୧୩୪/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲେ ମଧ ପୋଲିସ ଲୁଟେରାକୁ ଗିରଫ କରିବାରେ ସକ୍ଷମ ହୋଇନାହିଁ ।

ଅଭିଯୋଗରୁ ପ୍ରକାଶ ଯେ, ଯୋଡାପଡା ଗ୍ରାମର ଗୋବିନ୍ଦ କୌଣସି କାମରେ ବସ୍ ଯୋଗେ ରଣପୁର ଆସିଥିଲେ । ସେଠାରୁ ଅନ୍ୟ କୌଣସି କାମ ପାଇଁ ଜଙ୍କିଆ ଯିବାକୁ ବସ୍‌କୁ ଅପେକ୍ଷା କରିଥିଲା ବେଳେ ହଠାତ୍ ଜଣେ ଯୁବକ ତାଙ୍କ ପାଖରେ ବାଇକ୍ ଧରି ପହଞ୍ଚିଥିଲେ। ସେ ଗୋବିନ୍ଦଙ୍କ ବଡଭାଇଙ୍କ ବନ୍ଧୁ ବୋଲି ପରିଚୟ ଦେଇ ତାଙ୍କୁ ଜଙ୍କିଆରେ ଛାଡିଦେବା ପାଇଁ କହି ଗାଡିରେ ବସିବାକୁ କହିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଗୋବିନ୍ଦ ତାଙ୍କ ଗାଡିରେ ବସିଥିଲେ। ତେବେ ସମ୍ପୃକ୍ତ ଯୁବକ ଠିକ୍ ରାସ୍ତାରେ ଗାଡିକୁ ନ ନେଇ ନରସିଂହପୁରର ଏକ ଜଙ୍ଗଲିଆ ରାସ୍ତାରେ ଯାଇଥିଲେ । ଗୋବିନ୍ଦ ଏହାର ପ୍ରତିବାଦ କରିବାରୁ ସେ କିଛି ଶୁଣି ନ ଥିଲେ। ଜଙ୍ଗଲିଆ ରାସ୍ତାରେ ଆଗରୁ ଏକ ଆପାଚି ଗାଡିରେ ପ୍ରସ୍ତୁତ ହୋଇ ରହିଥିବା ତାଙ୍କର ସହଯୋଗୀ ୨ଜଣ ଯୁବକଙ୍କ ପାଖରେ ଗାଡିକୁ ଅଟକାଇଥିଲେ। ସେଠାରେ ସମସ୍ତ ଦୁର୍ବୃତ୍ତ ମିଶି ଗୋବିନ୍ଦଙ୍କୁ ମାଡ ମାରିବା ସହିତ ସେ ବ୍ୟାଗରେ ରଖିଥିବା ୬୫ହଜାର ଟଙ୍କା ଓ କିଛି କାଗଜପତ୍ର ନେଇ ତାଙ୍କୁ ଛାଡି ସେଠାରୁ ଫେରାର ହୋଇଯାଇଥିଲେ। ଗୋବିନ୍ଦ ଚାଲି ଚାଲି ଆସି ରଣପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳକୁ ଯାଇଥିଲା।

## ରଥଯାତ୍ରା ପ୍ରସ୍ତୁତି ଆରମ୍ଭ

**ଟାଙ୍ଗୀ(ଖୋର୍ଦ୍ଧା),୨୦।୬(ଡି.ଏନ୍.ଏ.)**

ଚିଲିକା ଉପକୂଳସ୍ଥ ଭୁଷଣ୍ଡପୁରରେ ଶ୍ରୀଜୀଉଙ୍କ ରଥଯାତ୍ରା ପାଳନ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରଥଯାତ୍ରାର ସୁପରିଚାଳନା ପାଇଁ ଏକ ୧୧ ଜଣିଆ କମିଟି ଗଠନ କରାଯାଇଛି। ଯାତ୍ରା ସମୟରେ ଖୋର୍ଦ୍ଧା ଜିଲା ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଛି। ପାରିକୁଦ ରାଜା ସନ୍ତୋଷ ସିଂ ମର୍ଦ୍ଦରାଜ ଭ୍ରମରବରରାୟ ଶ୍ରୀଜୀଉଙ୍କ ରଥରେ ଛେରାପହଁରା କାର୍ଯ୍ୟ କରିବେ ବୋଲି ସ୍ୱୀକୃତି ଦେଇଛନ୍ତି। ଏକ ସୁସଜ୍ଜିତ ରଥରେ ଭୁଷଣ୍ଡପୁରସ୍ଥିତ ବଡ଼ମଠରେ ଛେରାପହଁରା କାର୍ଯ୍ୟ ସମ୍ପନ୍ନ ପରେ ଗୁଣ୍ଡିଚା ମନ୍ଦିର ଆଡ଼କୁ ରଥ ଟଣା ହେବା ନିମନ୍ତେ ସ୍ଥିର ହୋଇଛି।

# ମକ୍‌ଡ୍ରିଲରେ ସଚେତନତା କାର୍ଯ୍ୟକ୍ରମ

**ରଣପୁର,୨୦।୬(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ଅଗ୍ନିଶମ ବିଭାଗ ତରଫରୁ ବୁଧବାର ବ୍ଲକର ଚମ୍ପାପେଡି ଓ ରାଇପଡା ପଞ୍ଚାୟତରେ ଥିବା ବନ୍ୟା ଆଶ୍ରୟସ୍ଥଳୀରେ ସାମୂହିକ ଅଭ୍ୟାସ(ମକ୍‌ଡ୍ରିଲ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ବିପଦ ଆପଦରୁ ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ଅଗ୍ନିଶମ କର୍ମଚାରୀମାନେ ଜନସାଧାରଣଙ୍କୁ ସଚେତନ କରିବା ସହ ବିଭିନ୍ନ ଯନ୍ତ୍ରପାତି ଓ କଳ କୌଶଳ ପ୍ରଦର୍ଶନ କରିଥିଲେ । ରଣପୁର ଅଗ୍ନିଶମ ଅଧିକାରୀ ଶରତ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ମକ୍‌ଡ୍ରିଲ୍‌ରେ ବିଭାଗୀୟ ଅଗ୍ନିଶମ କର୍ମଚାରୀ ମନୋଜ ଗୌଡ, ଲେଲିନ୍ ପ୍ରିୟଦର୍ଶନୀ ସାହୁ, ଚିତ୍ରସେନ ମୁଦୁଲି ପ୍ରମୁଖ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ । ରଣପୁର ବ୍ଲକରେ ଅଗ୍ନିଶମ ବିଭାଗର ହାବିଲଦାର ଜଗନ୍ନାଥ ପଣ୍ଡା ମକ୍‌ଡ୍ରିଲରେ କୌଶଳ ଦେଖାଇଥିଲେ । ସେହିପରି ବନ୍ୟା ଓ ବାତ୍ୟା ସମୟରେ ସାଧାରଣ ଲୋକମାନେ କିଭଳି ଭାବେ ସଚେତନ ହୋଇପାରିବେ, ବାତ୍ୟାରେ ଭାଙ୍ଗିଯାଇଥିବା ଗଛଗୁଡିକୁ କିଭଳି ଭାବରେ ରାସ୍ତାରୁ ହଟାଇ ପାରିବେ ସେ ନେଇ କୌଶଳ ପ୍ରଦର୍ଶନ କରିଥିଲେ। ଏହି ମକ୍‌ଡ୍ରିଲ୍‌ରେ ୨ ପଞ୍ଚାୟତର ଲୋକପ୍ରତିନିଧିଙ୍କ ସହିତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।


ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜନସାଧାରଣ।

# ଗୁଣ୍ଡିଚା ମନ୍ଦିର କାମ ଦେଖିଲେ ମୁଖ୍ୟ ପ୍ରଶାସକ

**ପୁରୀ ଅଫିସ,୨୦।୬**

ଆସନ୍ତା ୪ତାରିଖରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା। ଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ଏଥିପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ରଥଖଳାରେ ରଥ ନିର୍ମାଣ କାମ ଆଗେଇ ଚାଲିଥିବାବେଳେ ଗୁଣ୍ଡିଚା ମନ୍ଦିରରେ ଆବଶ୍ୟକ ମରାମତି କାମ ଜାରି ରହିଛି। ଗୁରୁବାର ଅପରାହ୍ଣରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଗୁଣ୍ଡିଚା ମନ୍ଦିରକୁ ଯାଇ ମରାମତି କାମ ଅନୁଧ୍ୟାନ କରିଛନ୍ତି। ମନ୍ଦିରର ଭିତର ଓ ବାହାର ପାର୍ଶ୍ୱ ବୁଲି ସ୍ଥିତି ପରଖିଛନ୍ତି। ମରାମତି କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁଣ୍ଡିଚା ମନ୍ଦିର ନିକଟରେ ନିର୍ମାଣାଧୀନ ସୁଲଭ ଶୌଚାଳୟ ଆସନ୍ତା ୩୦ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି ।

ବାତ୍ୟାରେ ଶ୍ରୀମନ୍ଦିର ଅପେକ୍ଷା ଗୁଣ୍ଡଚା ମନ୍ଦିରରେ ଅଧିକ କ୍ଷୟକ୍ଷତି ହୋଇଥିଲା। ମନ୍ଦିର ପରିସର ମଧ୍ୟରେ ବହୁ ଗଛ ଭାଙ୍ଗିଥିବାବେଳେ ରୋଷଘର ଛାତ, ଝରକା, କବାଟ ଭାଙ୍ଗି ଯାଇଥିଲା। ଭିତରବେଢା ଅଫିସ ଏବଂ ସେବକଙ୍କ ରୁମ୍‌ର ଛାତ ନଷ୍ଟ ହେବା ସହ କାନ୍ଥ ଭାଙ୍ଗିଥିଲା। ଝରକା ଓ କବାଟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଆନନ୍ଦ ବଜାର ଛାତ ଉପରେ ଗଛ ପଡ଼ି ଭାଙ୍ଗିଯାଇଥିଲା। ସେହିପରି ବାହାର ବେଢା ଓ ଭିତର ବେଢା କାନ୍ଥ ଉପରେ ଗଛ ପଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଗର୍ଭଗୃହ, ଜଗମୋହନ, ନାଟମଣ୍ଡପ ଓ ଭୋଗମଣ୍ଡପ ଝରକା, କବାଟ ମଧ ନଷ୍ଟ ହୋଇଥିଲା। ଆନନ୍ଦ ବଜାର ଶେଡ୍ ଉପରୁ ଆଜ୍‌ବେଷ୍ଟସ ଉଡ଼ିଯାଇଥିଲା। ଏ ସବୁର ମରାମତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ କରିଥିଲା। ଏହି ସବୁ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ମୁଖ୍ୟ ପ୍ରଶାସକଙ୍କ ପରିଦର୍ଶନ ସମୟରେ ଉନ୍ନୟନ ପ୍ରଶାସକ ବିଶ୍ୱନାଥ ସାହୁ, ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଶ୍ରୀମନ୍ଦିର ନିର୍ବାହୀ ଯନ୍ତ୍ରୀ ଆଶିଷ ସୁବୁଦ୍ଧି, ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ପ୍ରଶାସକ କହିଛନ୍ତି, ଗୁଣ୍ଡିଚା ମନ୍ଦିରରେ ମରାମତି କାମ ପ୍ରାୟ ସରିଆସିଲାଣି। ଆଉ ଯାହା ଅଳ୍ପ କିଛି କାମ ରହିଛି ତାହା ୩୦ ତାରିଖ ମଧ୍ୟରେ ଶେଷ ହୋଇଯିବ। ପ୍ରଥମଥର ଲାଗି ଗୁଣ୍ଡିଚା ମନ୍ଦିର ବାହାରେ ଏକ ସୁଲଭ ଶୌଚାଳୟ ତିଆରି କରାଯାଉଛି। ସୁଲଭ ଇଣ୍ଟରନ୍ୟାଶନାଲ ଏହାର ପରିଚାଳନା କରିବ। ଏହାର ଛାତ ପଡ଼ିସାରିଛି। ଆସନ୍ତା ୩୦ତାରିଖ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରାଯିବ।


ଅନୁଧ୍ୟାନ କରୁଛନ୍ତି ଶ୍ରୀମନ୍ଦିର ପ୍ରଶାସକ ଓ ଅନ୍ୟମାନେ।

- ଆଗକୁ ରଥଯାତ୍ରା
- ଶେଷ ପର୍ଯ୍ୟାୟରେ ମରାମତି କାମ
- ୩୦ ସୁଦ୍ଧା କାର୍ଯ୍ୟକ୍ଷମ ହେବ ସୁଲଭ ଶୌଚାଳୟ